# ଭାଗବତ ଟୁଙ୍ଗି ପାଇଁ ମହାଭାରତ

- ଠିକାଦାରୀ ଓ ପ୍ରକଳ୍ପ ସ୍ଥାନ ଚୟନକୁ ନେଇ ଗୋଷ୍ଠୀ ସଂଘର୍ଷ
- ବୋମାମାଡ଼ରେ ୪ ଗୁରୁତର; କଟକ ସ୍ଥାନାନ୍ତର





**ଯାଜପୁର, ୪।୬(ସମିସ)**

ଆସୁଛି ପଞ୍ଚାୟତ ନିର୍ବାଚନ। କିନ୍ତୁ ଏହା ପୂର୍ବରୁ ଗ୍ରାମାଞ୍ଚଳରେ ଠିକାଦାରୀକୁ କେନ୍ଦ୍ର କରି ଅଶାନ୍ତ ହେଉଛି ପରିବେଶ। ଯାଜପୁର ସଦର ଥାନା ଅନ୍ତର୍ଗତ ସିମିଳିଆ ପଞ୍ଚାୟତ ବୁଲାକିପୁର ଗ୍ରାମରେ ଘଟିଛି ଏଭଳି ଏକ ଘଟଣା। ଗାଁକୁ ଆସିଥିବା ଭାଗବତ ଟୁଙ୍ଗୀ ପ୍ରକଳ୍ପ ନିର୍ମାଣ ଏବଂ ସ୍ଥାନ ଚୟନକୁ ନେଇ ଦୁଇଗୋଷ୍ଠୀଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦ ଯୋଗୁଁ ଗତକାଲି ବିଳମ୍ବିତ ରାତ୍ରିରେ ବୋମାମାଡ଼ ହୋଇଥିବା ଜଣାପଡ଼ିଛି। ଏହି ବୋମାମାଡ଼ରେ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୪ଜଣଙ୍କୁ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

ବୁଲାକିପୁର ଗ୍ରାମରେ ଏକ ବିବାଦୀୟ ସ୍ଥାନରେ ସରକାରୀ ଅନୁଦାନରେ ଭାଗବତ ଟୁଙ୍ଗି ନିର୍ମାଣକୁ ନେଇ ପୂର୍ବରୁ ବିବାଦ ଲାଗିଥିଲା। ଗତକାଲି ବିଳମ୍ବିତ ରାତ୍ରିରେ ଗ୍ରାମର କିଛି ଲୋକ ଉକ୍ତ ବିବାଦୀୟ ସ୍ଥାନରେ ନିର୍ମାଣ କାର୍ଯ୍ୟ ପାଇଁ ଗାତ ଖୋଳୁଥିବାବେଳେ ଅପରପକ୍ଷର ଲୋକମାନେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ବିରୋଧ କରିବାରୁ ପ୍ରଥମେ ବଚସା ଓ ପରେ ମାରଣାସ୍ତ୍ରରେ ପରସ୍ପରକୁ ଆକ୍ରମଣ ପ୍ରତିଆକ୍ରମଣ କରିଥିଲେ। ନିର୍ମାଣ କାର୍ଯ୍ୟକୁ ସମର୍ଥନ କରୁଥିବା ଗୋଷ୍ଠୀ ମଧ୍ୟରୁ ବିରୋଧୀ ଗୋଷ୍ଠୀଙ୍କ ଉପରକୁ ବୋମା ମାଡ଼ ମଧ୍ୟ କରାଯାଇଥିଲା। ଫଳରେ ବିରୋଧୀ ଗୋଷ୍ଠୀର ମହେଶ୍ୱର ପ୍ରଧାନ (୬୫), ଧନେଶ୍ୱର ପ୍ରଧାନ (୬୨), ବିଷ୍ଣୁ ଚରଣ ପ୍ରଧାନ(୬୮), ବିକାଶ ପ୍ରଧାନ(୩୦), ଗୟାଧର କାଣ୍ଡି, ମୁନା ରାଉତ, ମକରଧ୍ୱଜ ବେହେରା, ବାବୁ ବେହେରା, ବିଜୟ କାଣ୍ଡି, ବବୁ କାଣ୍ଡି, ଧନେଶ୍ୱର ପ୍ରଧାନ ଆହତ ହୋଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷର ଆହତ ବ୍ୟକ୍ତିଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଥିମଧ୍ୟରୁ ମହେଶ୍ୱର ପ୍ରଧାନ ଓ ଧନେଶ୍ୱର ପ୍ରଧାନଙ୍କ ସମେତ ୪ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜନାକୁ ନିୟନ୍ତ୍ରଣ କରିବା ସହ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଘଟଣାସ୍ଥଳରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଏହି ଘଟଣାକୁ ନେଇ ସଦର ଥାନାରେ ଉଭୟ ପକ୍ଷରୁ ପୃଥକ୍ ଭାବେ ଦୁଇଟି ଏତଲା ଦିଆଯାଇଛି।

ଅପରପକ୍ଷେ ସଦର ଥାନା ଅଞ୍ଚଳରେ ଗୋଟିଏ ପରେ ଗୋଟିଏ ହତ୍ୟା, ରାହାଜାନୀ, ମାଫିଆରାଜ, ଚୋରି, ଡକାୟତି, ଅସାମାଜିକ କାର୍ଯ୍ୟ ଯୋଗୁଁ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିପର୍ଯ୍ୟସ୍ତ ହେଉଛି। ଏହାକୁ ଦୃଷ୍ଟିରେ ରଖି ଯାଜପୁର ବ୍ଲକ ବିଜୁ ଜନତା ଦଳର ଏକ ପ୍ରତିନିଧି ଦଳ ସଦର ଥାନାରେ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ବିଗତ ଏକ ବର୍ଷ ମଧ୍ୟରେ ଦିନ ଦ୍ୱିପ୍ରହରରେ ଦୁଇ ଦୁଇଟି ହତ୍ୟାକାଣ୍ଡ ଘଟିଥିଲେ ମଧ୍ୟ ପୁଲିସର ନିଷ୍କ୍ରିୟତା ଯୋଗୁଁ ହତ୍ୟାକାଣ୍ଡରେ ସମ୍ପୃକ୍ତ ଆସାମୀ ମାନେ ଆଇନକୁ ଚ୍ୟାଲେଞ୍ଜ କରି ଖୁଲମ୍‌ଖୁଲା ବୁଲୁଥିବା ବେଳେ ସଦର ପୁଲିସ ନିରବଦ୍ରଷ୍ଟା ସାଜିଛି। ସଦର ଅଞ୍ଚଳର ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଯାଜପୁର ବିଧାୟିକାଙ୍କ ବ୍ଲକ ପ୍ରତିନିଧି ପ୍ରକାଶ ତ୍ରିପାଠୀଙ୍କ ନେତୃତ୍ୱରେ ଯାଜପୁର ବ୍ଲକ ବିଜୁ ଜନତା ଦଳର ସଭାପତି ପରେଶ୍ ରଞ୍ଜନ ବିଶ୍ୱାଳ, ସିମିଳିଆ ସରପଞ୍ଚ ଗୋଲାପ ମଲିକ, ବିଜୁ ଜନତା ଦଳର ବରିଷ୍ଠ ନେତା ବ୍ରଜକିଶୋର ପାଢ଼ୀ, କାଳନ୍ଦୀ ପତି, ଶେଖ୍ ରସୁଲ ବକ୍ସ, ବିଚିତ୍ରପୁର ସରପଞ୍ଚ ଦେବାଶିଷ ପଣ୍ଡା, ଯମଧର ସରପଞ୍ଚ ବାଦଲ ଖୁଣ୍ଟିଆ, ମହେଶ୍ୱରପୁର ସରପଞ୍ଚ ସୁଜିତ୍ ରାୟ, ଗୌରାଙ୍ଗ ସାମଲ, ଗଣେଶ ଚନ୍ଦ୍ର ମହାକୁଡ, କରୁଣାକର ବିଶ୍ୱାଳ ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି। ସଦର ଥାନା ଅଞ୍ଚଳର ଆଇନଶୃଙ୍ଖଳା ପରିସ୍ଥିତି ସୁଧାର ଆଣିବା ପରିବର୍ତ୍ତେ ପୋଲିସ ଯଦି ପକ୍ଷପାତିତା ନୀତି ଅବଲମ୍ବନ କରେ ତେବେ ଆଗାମୀ ଦିନରେ ଆନ୍ଦୋଳନ।କ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ। ଏ ନେଇ ଯାଜପୁର ଏସଡିପିଓ ପ୍ରଶାନ୍ତ କୁମାର ମାଝୀଙ୍କୁ ପଚାରିବାରେ ଘଟଣା ସମ୍ପର୍କରେ ଖବର ପାଇ ପୁଲିସ ଅନୁସନ୍ଧାନ ଆରମ୍ଭ କରିଛି। ଏହି ଘଟଣାରେ କିଛି ବ୍ୟକ୍ତିଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଇ ତଦନ୍ତ ଜାରି ରହିଛି ବୋଲି କହିଥିଲେ। ବୋମା କେଉଁଠୁ ଆସିଲା ଏବଂ ଏହା ପଛରେ କେଉଁ ମାନଙ୍କ ହାତ ରହିଛି ସେ ସମ୍ପର୍କରେ ଅନୁସନ୍ଧାନ ଆରମ୍ଭ କରାଯାଉଛି ବୋଲି ଏସ୍‌ଡିପିଓ କହିଛନ୍ତି।

# ପୁଲିସର ପକ୍ଷପାତିତା ପ୍ରତିବାଦରେ ଥାନା ଘେରାଉ



**କବାଟବନ୍ଧ, ୪।୬(ସମିସ):** ଧର୍ମଶାଳା ବ୍ଲକ ଜେନାପୁର ଥାନା ସମ୍ମୁଖରେ ସ୍ଥାନୀୟ ଅଞ୍ଚଳର ଆଦିବାସୀ ଲୋକଙ୍କ ଦ୍ୱାରା ଧାରଣା ଦିଆଯାଇଥିବା ଦେଖିବାକୁ ମିଳିଥିଲା। ଏହି ଥାନା ଅନ୍ତର୍ଗତ ଚକ୍ରଧରପୁର ପଞ୍ଚାୟତ ବଲାଙ୍ଗିଆ ଗ୍ରାମର ଲୋକଙ୍କ ସହିତ ଏକ ଘଟଣାରେ ପୁଲିସ ପକ୍ଷପାତିତା କରୁଥିବା ଅଭିଯୋଗ କରି ଏହି ଧାରଣା ଦେଇଥିଲେ। ଆନ୍ଦୋଳନକାରୀ ଶୋଭାଯାତ୍ରାରେ ଆସି ଥାନାରେ ପହଞ୍ଚିଥିଲେ। ପୁଲିସ ବିରୋଧରେ ବିଭିନ୍ନ ନାରାବାଜି ଦେବା ସହିତ ନ୍ୟାୟ ଦାବି କରିଥିଲେ। ପ୍ରାୟ ୨ ଘଣ୍ଟା ପରେ ଧାରଣା ପ୍ରତ୍ୟାହାର ହୋଇଥିଲା। ଘଟଣାକ୍ରମେ ଗତ ମାସରେ ବ୍ଲାଷ୍ଟିଂ କାରଣରୁ ବଲାଙ୍ଗୀଆ ଗ୍ରାମରେ ପଥର ଖଣ୍ଡ ପଡ଼ିଥିଲା। ଏହାକୁ ବିରୋଧ କରି ଗ୍ରାମବାସୀ ଏବଂ ପଥର ପକାଇଥିବା ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଯୋଗୁଁ ଥାନାରେ ମାମଲା ରୁଜୁ ହୋଇଥିଲା। ପଥର ପକାଉଥିବା ବ୍ୟକ୍ତିଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ବିରୋଧ କରୁଥିବା ଗ୍ରାମବାସୀଙ୍କ ନାମରେ ମିଥ୍ୟା କେସ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଭୀମ ଆର୍ମି ପକ୍ଷରୁ ଆଦିବାସୀଙ୍କୁ ନ୍ୟାୟ ଦାବି ନିମନ୍ତେ ରାଜ୍ୟ ଉପସଭାପତି ଅନୀଲ କୁମାର ମଲିକଙ୍କ ନେତୃତ୍ୱରେ ଶତାଧିକ ମହିଳା ପୁରୁଷ ଜେନାପୁର ଥାନାରେ ଧାରଣା ଦେଇଥିଲେ। ଏ ନେଇ ଯାଜପୁର ରୋଡ୍ ଏସ୍‌ଡିପିଓ ଶରତ ଚନ୍ଦ୍ର ପାତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ଜିଲ୍ଲାରେ ୨୯ ପ୍ରତିଶତ ଏସ୍‌ଆଇଆର୍ ଫର୍ମ ବଣ୍ଟନ

**ଯାଜପୁର, ୪।୬ (ସମିସ):** ଯାଜପୁର ଜିଲ୍ଲାରେ ଚଳିତ ବର୍ଷ ମଇ ୩୦ ତାରିଖରୁ ଆରମ୍ଭ ହୋଇଛି ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା। ଜିଲ୍ଲାରେ ନିୟୋଜିତ ଥିବା ବ୍ଲକସ୍ତରୀୟ ଅଧିକାରୀ (ବିଏଲଓ) ମାନେ ଘରକୁ ଘର ପରିଦର୍ଶନ କରି ମତଦାତାଙ୍କୁ ପରିଗଣନା ଫର୍ମ ବଣ୍ଟନ କରୁଛନ୍ତି। ଜନସାଧାରଣଙ୍କୁ ଫର୍ମ ପୂରଣରେ ବିଏଲଓମାନେ ସହଯୋଗ କରୁଛନ୍ତି। ଜିଲ୍ଲାରେ ମୋଟ



୧୫, ୩୭, ୧୦୧ ଜଣ ଭୋଟର ଅଛନ୍ତି। ଏହି ପରିପ୍ରେକ୍ଷୀରେ ୪ ଜୁନ୍ ୨୦୨୬ ସୁଦ୍ଧା ଯାଜପୁର ଜିଲ୍ଲାରେ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ମୋଟ ୪, ୫୨, ୩୬୨ ଟି ପରିଗଣନା ଫର୍ମ ବଣ୍ଟନ କରାଯାଇଛି। ଏବେ ସୁଦ୍ଧା ୨୯.୪୩ ପ୍ରତିଶତ ମତଦାତାଙ୍କ ଫର୍ମପୂରଣହୋଇ ଏସଆଇଆର୍ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ବିଞ୍ଝାରପୁରରେ ୯୯୭୧୫, ବରୀରେ ୫୫୭୩୩, ବଡ଼ଚଣାରେ ୭୩୪୨୦, ଧର୍ମଶାଳାରେ ୫୬୦୧୦, ଯାଜପୁରରେ ୯୪୮୦୯, କୋରେଇରେ ୪୬୧୪୨, ସୁକିନ୍ଦାରେ ୨୬୫୩୩ ଟି ଫର୍ମ ବିଏଲଓମାନଙ୍କ ଦ୍ୱାରା ବଣ୍ଟନ କରାଯାଇଛି ବୋଲି ନିର୍ବାଚନ ବିଭାଗ ଡେପୁଟି କଲେକ୍ଟର ଅଶୋକ ଦେହୁରୀ ସୂଚନା ଦେଇଛନ୍ତି। ଜୁନ୍ ୨୮ ଯାଏଁ ଏହି ଫର୍ମ ପୂରଣ ପ୍ରକ୍ରିୟା ଚାଲିବ। ଏହା ପରେ ୫ ଜୁଲାଇ ୨୦୨୬ ତାରିଖରେ ଚିଠା ଭୋଟର ତାଲିକା ପ୍ରକାଶ ହେବ।

# ଗୋଚର ଜମିରୁ ଗଛ କାଟି ନେଲେ ଦୁର୍ବୃତ୍ତ

**ଦଶରଥପୁର, ୪।୬(ସମିସ):** ଦଶରଥପୁର ତହସିଲ ଅଧୀନ ଦଉପୁର ମୌଜାର ଗୋଚର ଜମିରେ ଥିବା ୫୦ରୁ ଅଧିକ ମୂଲ୍ୟବାନ ଗଛଗୁଡ଼ିକୁ ବେଆଇନ ଭାବେ କାଟି ନେଇଥିବା ଦଉପୁର ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଅକ୍ଷୟ ଭୂୟାଁ ଦଶରଥପୁର ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅଭିଯୋଗ ମୁତାବକ ଦଉପୁର ମୌଜା ଖାତା ନଂ ୧୪୨୭/୨୦ ଓ ପ୍ଲଟ ନଂ ୪୨୨୯ ଏବଂ ୪୨୩୨ର ଗୋଚର କିସମ ଜମିରେ ଥିବା ୫୦ ରୁ ଅଧିକ ମୂଲ୍ୟବାନ ଚାକୁଣ୍ଡା, ଶାଳ ଓ ପିଆଶାଳ ଜାତିର ବଡ଼ ବଡ଼ ଗଛ ଗୁଡ଼ିକୁ ଗ୍ରାମର ଅନାଦି ମହାନ୍ତିଙ୍କ ସମେତ ତାଙ୍କ ୨ ପୁଅ ଯୁଧିଷ୍ଠିର ଓ କୈଳାସ ମହାନ୍ତି ବେଆଇନ ଭାବେ କାଟି ନେଇଥିଲେ। ଏହାକୁ ଗ୍ରାମବାସୀ ପ୍ରତିବାଦ କରିବାରୁ ଗଛ କାଟିଥିବା



ବ୍ୟକ୍ତି ଗ୍ରାମବାସୀଙ୍କୁ ଗାଳିଗୁଲଜ କରି ଧମକାଉଛନ୍ତି। ଯାହାକୁ ନେଇ ପୂର୍ବତନ ସମିତିସଭ୍ୟ ଅକ୍ଷୟ ଭୂୟାଁ ତହସିଲଦାର ଶୁଭ୍ରାଂଶୁ ସାହୁଙ୍କ ନିକଟରେ ଲିଖିତ ଅଭିଯୋଗ କରି ତୁରନ୍ତ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିବା ଜଣାଯାଇଛି।

# ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାର ସମୀକ୍ଷା

**ଯାଜପୁର, ୪।୬(ସମିସ):** ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଆଜି 'ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା'ର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲ୍ଲାର ବ୍ଲକୱାରୀ 'ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା' ଏବଂ 'ଆୟୁଷ୍ମାନ ବୟୋ ବନ୍ଦନା କାର୍ଡ' ବଣ୍ଟନର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ସୂଚନା ଅନୁଯାୟୀ, ଜିଲ୍ଲାରେ ନୂତନ ଭାବେ ୩ ଲକ୍ଷ କାର୍ଡ ଯୋଡ଼ାଯିବା ପରେ ଜିଲ୍ଲାର ସଫଳତା ହାର ୭୧ପ୍ରତିଶତରୁ ହ୍ରାସ ପାଇ ୫୦ପ୍ରତିଶତ ହୋଇଯାଇଛି। ଅପରପକ୍ଷରେ, ଆୟୁଷ୍ମାନ ବୟୋ ବନ୍ଦନା କାର୍ଡର ସ୍ଥିତି ମାତ୍ର ୩୨ପ୍ରତିଶତ ରହିଛି। ଏହାକୁ ନେଇ ଜିଲ୍ଲାପାଳ କମନ୍ ସର୍ଭିସ୍ ସେଣ୍ଟରର ଜିଲ୍ଲା ପରିଚାଳକଙ୍କୁ ଭି.ଏଲ.ଇ ମାନଙ୍କ କାର୍ଯ୍ୟର ଅଗ୍ରଗତି ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ପରିଚାଳକ ସୂଚନା ଦେଇଛନ୍ତି ଯେ, ବର୍ତ୍ତମାନ ଜିଲ୍ଲାରେ ୭୪୯ ଜଣ ସକ୍ରିୟ ଭି.ଏଲ.ଇ କାର୍ଯ୍ୟ କରୁଛନ୍ତି ଏବଂ ଆସନ୍ତା ୧ ରୁ ୨ ଦିନ ମଧ୍ୟରେ ଆଉ ୨୫୦ ରୁ ୩୦୦ ନୂତନ ଭାବେ ପଞ୍ଜିକୃତ ହୋଇ ସେବା ଯୋଗାଇବେ।



ଜିଲ୍ଲାପାଳ ଆସନ୍ତା ୧୦ ରୁ ୧୫ ଦିନ ମଧ୍ୟରେ ଅବଶିଷ୍ଟ ପ୍ରାୟ ୫, ୭୭, ୬୨୯ ଟି କାର୍ଡ ବଣ୍ଟନ କରି ଶତପ୍ରତିଶତ ଲକ୍ଷ୍ୟ ହାସଲ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ଭି.ଏଲ.ଇମାନେ ଏହି କାର୍ଯ୍ୟରେ ସହଯୋଗ କରୁନାହାନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନାମ ସୁପାରିଶ କରିବାକୁ ସେ କହିଛନ୍ତି। ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଏବଂ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀମାନେ କାର୍ଡ ବଣ୍ଟନ ପ୍ରକ୍ରିୟାରେ ସକ୍ରିୟ ଭାବେ ସାମିଲ ହେବେ। ଡିପିଏମ୍ ପ୍ରତିଦିନ ସନ୍ଧ୍ୟାରେ ଜିଲ୍ଲାପାଳଙ୍କୁ କାର୍ଡ ବଣ୍ଟନର ଅଗ୍ରଗତି ଏବଂ ବିପିଏମ୍‌ମାନଙ୍କ ପ୍ରଦର୍ଶନ ବାବଦରେ ରିପୋର୍ଟ ପ୍ରଦାନ କରିବେ। ସେକ୍ଟରସ୍ତରୀୟ ସୁପରଭାଇଜରମାନେ ଦୈନିକ ଭିତ୍ତିରେ କ୍ଷେତ୍ରସ୍ତରୀୟ ଅନୁଧ୍ୟାନ କରିବେ ଏବଂ ପ୍ରତିଦିନ ଅତିକମ୍‌ରେ ୫ ରୁ ୬ ଟି କମନ୍ ସର୍ଭିସ୍ ସେଣ୍ଟରର ପରିଦର୍ଶନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଆଶା କର୍ମୀ ଓ ସ୍ୱାସ୍ଥ୍ୟ କର୍ମୀଙ୍କ ଦାୟିତ୍ୱ ଆଶା ମ୍ୟାନେଜରଙ୍କୁ ଆଶା କର୍ମୀଙ୍କ କାର୍ଯ୍ୟର ସମୀକ୍ଷା କରିବାକୁ କୁହାଯାଇଛି। ପ୍ରତ୍ୟେକ ଆଶା କର୍ମୀ ଗ୍ରାମାଞ୍ଚଳର ଲୋକମାନଙ୍କୁ ସିଏସ୍‌ସି କେନ୍ଦ୍ରକୁ ଆଣିବା ପାଇଁ ସଚେତନ କରିବେ। ଏହା ସହିତ ସିଏଚ୍‌ଓ ଏବଂ ଏଏନ୍‌ଏମ୍‌ମାନଙ୍କୁ ଘରକୁ ଘର ବୁଲି ଆୟୁଷ୍ମାନ ବୟୋ ବନ୍ଦନ ଯୋଜନା କାର୍ଯ୍ୟକ୍ରମ ଅଧୀନରେ ବୟସ୍କ ନାଗରିକଙ୍କ କାର୍ଡ ଜେନେରେଟ୍ କରିବା ପାଇଁ ବ୍ୟକ୍ତିଗତ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହାସହ ବିପିଏମ୍‌ମାନେ ପଞ୍ଚାୟତସ୍ତରୀୟ ମାଇକ୍ରୋପ୍ଲାନ ପ୍ରସ୍ତୁତ କରି ସୁପରଭାଇଜରଙ୍କୁ ପ୍ରଦାନ କରିବେ, ଯଦ୍ଦ୍ୱାରା ଅଧିକ କାର୍ଯ୍ୟଭାର ଥିବା ଏବଂ କମ୍ ପ୍ରଦର୍ଶନ କରୁଥିବା କେନ୍ଦ୍ରଗୁଡ଼ିକ ଉପରେ ବିଶେଷ ଧ୍ୟାନ ଦିଆଯାଇପାରିବ। ଆସନ୍ତା ସୋମବାର ଅପରାହ୍ଣରେ ଏହି ଅଗ୍ରଗତିର ପୁନଃ ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ ଦ୍ୱାରା କରାଯିବ। ପ୍ରତି ବ୍ଲକ ପାଇଁ ନିୟୋଜିତ ହୋଇଥିବା ବ୍ଲକ ନୋଡାଲ ଅଧିକାରୀମାନଙ୍କ ସହାୟତାରେ ସମଗ୍ର ପ୍ରକ୍ରିୟାର ତଦାରଖ ଓ ଲକ୍ଷ୍ୟ ହାସଲ କରିବା ପାଇଁ ସିଡିଏମଓଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ ବିଜୟ କୁମାର ମିଶ୍ର, ଡିପିଏମ୍ ଜାତୀୟ ସ୍ୱାସ୍ଥ୍ୟ ମିଶନ, ସହକାରୀ ପରିଚାଳକ କମ୍ୟୁନିଟି ପ୍ରୋସେସ୍, ଏସଏଚଏଏସ କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ଏବଂ କମନ୍ ସର୍ଭିସ୍ ସେଣ୍ଟରର ଜିଲ୍ଲା ପରିଚାଳକ ପ୍ରମୁଖ ଉପସ୍ଥିତ ଥିଲେ।

**୧୫ ଦିନ ମଧ୍ୟରେ ଶତପ୍ରତିଶତ କାର୍ଡ ବଣ୍ଟନ ପାଇଁ ନିର୍ଦ୍ଦେଶ**

# ଯୁବକଙ୍କ ମୃତଦେହ ଉଦ୍ଧାର; ହତ୍ୟା ଅଭିଯୋଗ

**ଦାନଗଦି, ୪।୬(ସମିସ):** କଳିଙ୍ଗନଗର ଥାନା ବାରଗାଡ଼ିଆ ଗ୍ରାମର ଏକ ଭଡ଼ାଘରୁ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହକୁ ପୁଲିସ ଆଜି ଅପରାହ୍ଣରେ ଉଦ୍ଧାର କରିଛି। ମୃତ ଯୁବକ ଜଣକ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଗୋବିନ୍ଦପୁର ଗ୍ରାମର ରଞ୍ଜିତ କୁମାର ମିଶ୍ର (୨୨)। ସେ କଳିଙ୍ଗନଗର ବିଆର୍‌ପିଏଲ୍ ଛକ ନିକଟରେ ଥିବା ଜିଞ୍ଜର ହୋଟେଲରେ ଇଲେକ୍ଟ୍ରିସିଆନ ଭାବେ କାମ କରୁଥିଲେ। ବାରଗାଡ଼ିଆ ଗାଁର ଅମୀୟ ବାରିକଙ୍କ ଘରେ ଭଡ଼ାରେ ରହୁଥିବାବେଳେ ଆଜି ଘରେ ଥିବା ଫ୍ୟାନରେ ବେଡ୍‌ସିଟ୍ ଲଗାଇ ଝୁଲିପଡ଼ିଥିଲେ। ପାଖପଡ଼ୋଶୀ ଏ ସମ୍ପର୍କରେ ଜାଣିବା ପରେ କଳିଙ୍ଗନଗର ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଥିଲା। ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଥିବାବେଳେ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଥିଲେ। ରଞ୍ଜିତଙ୍କ ବାପା ତାଙ୍କ ପୁଅକୁ କେହି ମାରି ଟାଙ୍ଗି ଦେଇଥିବାର ଅଭିଯୋଗ କରିବା ପରେ ପୁଲିସ ପକ୍ଷରୁ ୧୫୫/୨୬ ରେ ଏକ ମାମଲା ରୁଜୁ କରାଯାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

# ଯାତ୍ରୀବାହୀ ବସ୍‌ରେ ଲାଗିଲା ନିଆଁ; ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

**ପାଣିକୋଇଲି, ୪।୬(ସମିସ):** ପାଣିକୋଇଲି କଟକ ବସଷ୍ଟାଣ୍ଡ ହାଇସ୍କୁଲ ସମ୍ମୁଖରେ ଆଜି ଅପରାହ୍ଣରେ ଏକ ଯାତ୍ରୀବାହୀ ବସ୍ ଅଟକିଥିବା ବେଳେ ହଠାତ୍ ନିଆଁ ଲାଗିଯାଇଥିଲା। ଏହା ଦେଖି ଖଲାସୀ ଉପସ୍ଥିତ ବୁଦ୍ଧି ଖଟାଇ ପାଣି ଢାଳି ନିଆଁକୁ ଆୟତ କରିଥିବା ବେଳେ ଏକ ବଡ଼ ଦୁର୍ଘଟଣାରୁ ରକ୍ଷା ମିଳିଛି। ପ୍ରକାଶ ଯେ ବାସନ୍ତୀ ଦୁର୍ଗା ନାମକ ଏକ ଯାତ୍ରୀବାହୀ ବସ୍ (ଓଡି୨୨ୱାଇ ୬୧୭୯) ବାଲେଶ୍ୱରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ପାଣିକୋଇଲିରେ ଅଟକିଥିଲା। ଏହି ସମୟରେ ହଠାତ ନିଆଁ ଲାଗିଯାଇଥିଲା। ସର୍ଟ ସର୍କିଟରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଗାଡ଼ି ନ ଯିବାରୁ ଅନ୍ୟ ବସରେ ଯାତ୍ରୀମାନଙ୍କୁ ଭୁବନେଶ୍ୱର ପଠାଯାଇଥିଲା।




# ନିଖୋଜ ବ୍ୟକ୍ତିଙ୍କ ପତ୍ତା ମିଳୁନି

**ଦଶରଥପୁର, ୪।୬(ସମିସ):** ମଙ୍ଗଳପୁର ଥାନା ଅଧୀନ ବିମ୍ବାଧରପୁର ଗ୍ରାମର ନିତ୍ୟାନନ୍ଦ ମଲ୍ଲିକ(୪୫) ଓରଫ ଟୁକୁନା ୨ଦିନ ହେବ ଘରୁ ନିଖୋଜ ଥିବା ନେଇ ପରିବାର ପକ୍ଷରୁ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ନିତ୍ୟାନନ୍ଦ ଗତ ୨ତାରିଖ ସକାଳେ ଘରୁ କିଛି କାର୍ଯ୍ୟରେ ବାହାରକୁ ଯାଉଛନ୍ତି କହି ଯାଇଥିବା ବେଳେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ଘରକୁ ଫେରି ନଥିଲେ। ପରିବାର ଲୋକେ ନିତ୍ୟାନନ୍ଦଙ୍କୁ ବନ୍ଧୁ ପରିଜନଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ସମ୍ଭାବ୍ୟ ସ୍ଥାନରେ ଖୋଜା ଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ମିଳିନଥିଲା। ତାଙ୍କ ପୁଅ ହରିହର ମଲ୍ଲିକ ଆଜି ମଙ୍ଗଳପୁର ଥାନରେ ଲିଖିତ ଅଭିଯୋଗ କରି ନିତ୍ୟାନନ୍ଦଙ୍କୁ ଠାବ କରିବାକୁ ଗୁହାରୀ କରିଥିବା ଜଣାଯାଇଛି।

# ଜିଲ୍ଲା କଂଗ୍ରେସ କିଷାନ ସେଲ୍‌ର ସାଂଗଠନିକ ବୈଠକ



**କୁଆଖିଆ, ୪।୬(ସମିସ):** ରସୁଲପୁର ବ୍ଲକ ନିକଟସ୍ଥ ରାହାସ ବିହାରୀ ମଠରେ ଜିଲ୍ଲା କଂଗ୍ରେସ କିଷାନ ସେଲ୍‌ଫର ଏକ ସାଂଗଠନିକ ବୈଠକ ଶ୍ରୀକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ କଂଗ୍ରେସ କିଷାନ ସେଲ୍‌ଫ ସଭାପତି ଅଭୟ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ପୂର୍ବତନ ପିସିସିସମ୍ପାଦକ ଅଧିର କୁମାର ଜେନା, କିଶାନ ସେଲ୍‌ଫ ରାଜ୍ୟ ଉପାଧ୍ୟକ୍ଷ କାର୍ତ୍ତିକ ବରାଳ, ରାଜ୍ୟ ସଂଯୋଜକ ନିରଞ୍ଜନ ସାମଲ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଦ୍ୱାରା ଅନୁମୋଦିତ ଜିଲ୍ଲା କଂଗ୍ରେସ କିଶାନ ସେଲ୍‌ଫର ସଭାପତି ଓ ସମସ୍ତ ବ୍ଲକ ଏବଂ ପୌରାଞ୍ଚଳର ସଭାପତି ମାନଙ୍କ ନାମ ଘୋଷଣା କରାଯାଇଥିଲା। ଜିଲ୍ଲା ସଭାପତି ଭାବେ ଶ୍ରୀକାନ୍ତ ମହାନ୍ତିଙ୍କୁ ନୂତନ ଦାୟିତ୍ୱ ମିଳିଥିଲା। ଆଗାମୀ ଦିନରେ ବୁଥ୍ ସ୍ତରରୁ କୃଷକମାନଙ୍କୁ ସଂଗଠିତ କରି କିଷାନ କଂଗ୍ରେସ ସେମାନଙ୍କ ହକ୍ ପାଇଁ ଲଢ଼େଇ କରିବ ବୋଲି ସଭାପତି ଶ୍ରୀ ମହାନ୍ତି ସୂଚନା ଦେଇଥିଲେ। ମଣ୍ଡିରେ ଧାନ ବିକ୍ରି ସମସ୍ୟା, ବିହନ ଦୁର୍ନୀତି ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିବାକୁ ପ୍ରାଥମିକତା ଦିଆଯିବା ସହିତ ଅଭାବୀ ବିକ୍ରି, ଶୀତଳ ଭଣ୍ଡାର ପ୍ରତିଷ୍ଠା, ଅଚଳ ହୋଇଥିବା ଉଠା ଜଳସେଚନ ପଏଣ୍ଟ ଗୁଡ଼ିକୁ ସଚଳ କରି ଜମିକୁ ଜଳ ଯୋଗାଣ କରିବାକୁ ଦାବି କରାଯିବ ବୋଲି କହିଥିଲେ। ଅଜୟ କୁମାର ସାମଲ-ଧର୍ମଶାଳା, ବଳରାମ ମହାପାତ୍ର-ବଡ଼ଚଣା, କୁଳମଣି ନାୟକ-ରସୁଲପୁର, ବିଜୟ ପ୍ରଧାନ-ଯାଜପୁର, ମହେନ୍ଦ୍ର ମହାପାତ୍ର-କୋରେଇ, ଗଣେଶ ସେଠୀ-ଦଶରଥପୁର, ରବୀନ୍ଦ୍ର ଧନେଶ୍ୱର ସାମଲ-ବିଂଝାରପୁର, ଦାସ-ଦାନଗଦୀ, ଦେବବ୍ରତ ଦାସ-ବରୀ ବ୍ଲକ କିଶାନ ସେଲ ସଭାପତି ଭାବେ ନିଯୁକ୍ତ ହୋଇଥିବା ବେଳେ ନଗେନ୍ଦ୍ରନାଥ ପତି-ଯାଜପୁର ଓ ପଦ୍ମନାଭ ନାୟକ-ବ୍ୟାସନଗର ପୌରାଞ୍ଚଳ ପାଇଁ ସଭାପତି ଭାବେ ନିଯୁକ୍ତି ପାଇଛନ୍ତି। ଆଗାମୀ ଦିନରେ ବ୍ଲକ ସଂଗଠନର କାର୍ଯ୍ୟକର୍ତାମାନଙ୍କ ନାମ ଘୋଷଣା ହେବ ବୋଲି ଜିଲ୍ଲା ସଭାପତି ଶ୍ରୀ ମହାନ୍ତି କହିଛନ୍ତି।

**ଜିଲ୍ଲାପାଳଙ୍କୁ ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନଙ୍କ ଚିଠି**

# 'ଖଣି ଓ ଶିଳ୍ପରେ ସ୍ଥାନୀୟ ଯୁବକଯୁବତୀଙ୍କୁ ନିଯୁକ୍ତି ଦିଅ'

**ଯାଜପୁର୪।୬(ସମିସ)**

ସୁକିନ୍ଦା ଅଞ୍ଚଳରେ ଥିବା ଖଣି ଓ କଳକାରଖାନା ଗୁଡ଼ିକରେ ସ୍ଥାନୀୟ ଯୁବକ ଯୁବତୀଙ୍କୁ ନିଯୁକ୍ତି ଦେବାକୁ ଦାବି କରିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ସୁକିନ୍ଦାର ପୂର୍ବତନ ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ। ଆଜି ଏ ସଂକ୍ରାନ୍ତରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କୁ ଚିଠି ଲେଖି ସେଥିରେ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶାରେ ପ୍ରତିଷ୍ଠିତ ଶିଳ୍ପ ସଂସ୍ଥା ଏବଂ ଖଣିଜ ପ୍ରତିଷ୍ଠାନ ଗୁଡ଼ିକରେ ଶତକଡା ୯୦ ପ୍ରତିଶତ ଅଣକୁଶଳୀ ଓ ଅର୍ଦ୍ଧକୁଶଳୀ, ୬୦ ପ୍ରତିଶତ କୁଶଳୀ ଏବଂ ୩୦ ପ୍ରତିଶତ ପ୍ରବନ୍ଧକ ଏବଂ ନିରୀକ୍ଷକ ପଦବୀରେ ନିଯୁକ୍ତି ପାଇଁ ଓଡ଼ିଶା ସରକାର ବିଭିନ୍ନ ସମୟରେ ନିର୍ଦ୍ଦେଶନାମା ପ୍ରକାଶ କରିଛନ୍ତି। ଏ ନେଇ ଜିଲ୍ଲାପାଳ ସମୀକ୍ଷା କରି ସ୍ଥାନୀୟ ଯୁବକ ଯୁବତୀ ମାନଙ୍କର ନିଯୁକ୍ତି ସମ୍ବନ୍ଧରେ ପଦକ୍ଷେପ ନେବାପାଇଁ ରାଜ୍ୟ ସରକାରଙ୍କର ସ୍ପଷ୍ଟ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି।

ସରକାରଙ୍କ ନିୟମ ଦ୍ୱାରା ଶିଳ୍ପାୟନ ମାଧ୍ୟମରେ ଜମି ଏବଂ ଭିଟାମାଟି ହରା ବିସ୍ଥାପିତ ପରିବାର ସହିତ ସ୍ଥାନୀୟ ଯୁବକ-ଯୁବତୀମାନଙ୍କର ଆର୍ଥିକ ଏବଂ ସାମାଜିକ ବିକାଶ ସମ୍ଭବ ହୋଇପାରିବ। ଯାଜପୁର ଜିଲ୍ଲା ଓ ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ଅବସ୍ଥିତ କଳିଙ୍ଗନଗର ଶିଳ୍ପାଞ୍ଚଳ ଏବଂ ସୁକିନ୍ଦା କ୍ରୋମାଇଟ ଉପତ୍ୟକାରେ ଥିବା ଶିଳ୍ପ ଓ ଖଣି ପ୍ରତିଷ୍ଠାନ ଗୁଡ଼ିକରେ ଉଦ୍ଦେଶ୍ୟମୂଳକ ଭାବେ ଏହାର ଖୋଲା ଉଲ୍ଲଂଘନ କରାଯାଉଛି। ସୁକିନ୍ଦାର ଜନସାଧାରଣ ବିଶେଷ କରି ଆଦିବାସୀ ଓ ଦଳିତ ବର୍ଗଙ୍କର ଶିଳ୍ପ ପ୍ରତିଷ୍ଠା ସମୟରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ଖଣି କାର୍ଯ୍ୟ ପାଇଁ ଜମି ଅଧିଗ୍ରହଣ ଠାରୁ ଆରମ୍ଭ କରି ଜନ ଜନଶୁଣାଣି ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ସ୍ଥାନୀୟ ଜନସାଧାରଣ ପ୍ରଶାସନ ଏବଂ ଶିଳ୍ପ ସଂସ୍ଥାମାନଙ୍କୁ ନିଃସ୍ୱାର୍ଥପର ଭାବେ ସହଯୋଗ ହାତ ବଢ଼ାଇ ଆସିଛନ୍ତି। ସ୍ଥାନୀୟ ଜନସାଧାରଣଙ୍କ ସମର୍ଥନ ବିନା ଶିଳ୍ପ ଏବଂ ଖଣି ପ୍ରତିଷ୍ଠାନ ପ୍ରତିଷ୍ଠା ସମ୍ଭବ ହୋଇ ପାରିନଥାନ୍ତେ। ମାତ୍ର ଚିନ୍ତାର ବିଷୟ ଶିଳ୍ପ ସଂସ୍ଥାମାନେ ଶିଳ୍ପ ପ୍ରତିଷ୍ଠା ହେବାପରେ ସ୍ଥାନୀୟ ଜନସାଧାରଣଙ୍କ ସମର୍ଥନ ଏବଂ ସହଯୋଗକୁ ଭୁଲି ଯାଉଛନ୍ତି ବୋଲି ଶ୍ରୀ ଘଡ଼ାଇ ଅଭିଯୋଗ କରିଛନ୍ତି। ସୁକିନ୍ଦାରେ ହଜାର ହଜାର ସଂଖ୍ୟାରେ ଡିଗ୍ରୀଧାରୀ ଯୁବକ ଯୁବତୀ ନିଜ ଅଞ୍ଚଳରେ ନିଯୁକ୍ତି ନ ପାଇ ବେକାର ବୁଲୁଥିବା ବେଳେ ଶିଳ୍ପ ସଂସ୍ଥାମାନେ ରାଜ୍ୟ ବାହାର ଯୁବକ ଯୁବତୀଙ୍କୁ ଆଣି ସୁକିନ୍ଦା ଅଞ୍ଚଳରେ ନିଯୁକ୍ତି ଦେଉଛନ୍ତି। ଯାହା ସ୍ଥାନୀୟ ଯୁବକ ଯୁବତୀଙ୍କୁ ନିରାଶ କରୁଛି। ସେମାନଙ୍କ ଦାବି ପ୍ରତି ଜିଲ୍ଲା ପ୍ରଶାସନ ଆଖି ବୁଜି ଦେଇଛି ଓ ସ୍ଥାନୀୟ ଜନ ସାଧାରଣ ରାଜ୍ୟର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଶିଳ୍ପସଂସ୍ଥା ମାନଙ୍କ ପାଇଁ ନିଜ ଭିଟାମାଟି, ଚାଷ ଜମି, ଜଳ ଓ ଜଙ୍ଗଲ ହରାଇଛନ୍ତି ଓ ଖଣି କଳ କାରଖାନା ପାଇଁ ସେମାନେ ପରିବେଶ ପ୍ରଦୂଷଣ, ସ୍ୱାସ୍ଥ୍ୟଗତ ସମସ୍ୟା, ପାନୀୟଜଳ ସମସ୍ୟା, ଫସଲହାନି, ଦୁର୍ଘଟଣା, ଅସାମାଜୀକ କାର୍ଯ୍ୟକଳାପ ବୃଦ୍ଧିର ଶିକାର ହେଉଛନ୍ତି। ଏହା ଫଳରେ ସ୍ଥାନୀୟ ବେକାର ଯୁବକ ଯୁବତୀ ମାନଙ୍କ ମନରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହେଉଛି। ଯାହା ଆଗକୁ ବଡ଼ ଆନ୍ଦୋଳନର ରୂପ ନେବା ଅସମ୍ଭବ ନୁହେଁ। ଏଭଳି ସ୍ଥିତି ଏହି ଅଞ୍ଚଳରେ ଆଇନ ଶୃଖଳାକୁ ବିପର୍ଯ୍ୟସ୍ତ କରିଦେବାର ଆଶଙ୍କା ରହିଛି ଓ ତେଣୁ ଆପଣ ଯଥାଶୀଘ୍ର ଏ ବିଷୟରେ ହସ୍ତକ୍ଷେପ କରି କଳିଙ୍ଗନଗର ଶିଳ୍ପାଞ୍ଚଳ ଏବଂ ସୁକିନ୍ଦା କ୍ରୋମାଇଟ ଉପତ୍ୟକାରେ ଥିବା ଖଣିମାନଙ୍କରେ ଯେପରି ସ୍ଥାନୀୟ ଯୁବପିଢ଼ି ନିଯୁକ୍ତିର ସୁଯୋଗ ପାଇବେ ସେଥିପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ଜରୁରୀ ବୋଲି ନିଜ ଚିଠିରେ ଉଲ୍ଲେଖ କରି ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

# ପଙ୍କୋଦ୍ଧାର ହେଉନି; ପୋଖରୀ ପାଲଟିଲାଣି ପଡ଼ିଆ

ଅସୁରାଳି,୪।୬(ସମିସ)

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହେବା ମାତ୍ରେ ଜଳ ସଙ୍କଟକୁ ନେଇ ଚିନ୍ତା ବଢ଼ିବାରେ ଲାଗିଛି। ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ନଦୀ, ନାଳ ଶୁଖିଲା ପଡ଼ିଥିବାବେଳେ ଭୂତଳ ଜଳସ୍ତର ମଧ୍ୟ ଦିନକୁ ଦିନ ତଳକୁ ଖସିବାରେ ଲାଗିଛି। ଏଭଳି ଏକ ସଙ୍କଟମୟ ସମୟରେ ଧାମନଗର ବ୍ଲକ୍ ଗୋବିନ୍ଦପୁର ପଞ୍ଚାୟତ ଗୋବିନ୍ଦପୁର ଗାଁର ଡିହସାହିରେ ଥିବା ଏକ ପୁରାତନ ପ୍ରାକୃତିକ ପୋଖରୀ ନିଜର ଅସ୍ତିତ୍ୱ ହରାଇବାକୁ ବସିଛି। ପୂର୍ବରୁ ଏହି ପୋଖରୀଟି ସ୍ଥାନୀୟ ଅଞ୍ଚଳ ପାଇଁ ଜଳର ଏକ ମୁଖ୍ୟ ଉତ୍ସ ସଦୃଶ ଥିଲା, ଯାହା ଲୋକଙ୍କ ନିତ୍ୟ ବ୍ୟବହାର୍ଯ୍ୟ କାର୍ଯ୍ୟରେ ବହୁତ ସହାୟକ ହେଉଥିଲା। ମାତ୍ର ଦୀର୍ଘ ଦିନ ହେବ ଏହାର ପୁନରୁଦ୍ଧାର ନ ହେବାରୁ ଅନାବନା ଘାସ, ଲତା ଓ ଦଳ ମାଡ଼ିଯିବା ସହ ପଙ୍କୋଦ୍ଧାର ହୋଇପାରୁନାହିଁ। ଯାହା ଫଳରେ ପୋଖରୀର ଜଳଧାରଣ କ୍ଷମତା ସମ୍ପୂର୍ଣ୍ଣ ହ୍ରାସ ପାଇଛି। ଜଳାଶୟ ଉପରେ ନିର୍ଭର କରୁଥିବା ୪୨ପରିବାର ଜଳକଷ୍ଟରେ ପୋଖରୀଟି ପୋତି ହୋଇଯିବା ଫଳରେ ଖରାଦିନେ ଏହା ଏକ ପଡ଼ିଆର ଭ୍ରମ ସୃଷ୍ଟି କରୁଛି। ଏହାର ପ୍ରଭାବରେ ତୃଷାର୍ତ୍ତ ଗୋରୁଗାଈ ପାଣି



ମୁନ୍ଦାଏ ପିଇବା ପାଇଁ ପୋଖରୀକୁ ଯାଇ ଛଟପଟ ହୋଇ ଅକାଳରେ ମୃତ୍ୟୁ ମୁଖରେ ପଡୁଛନ୍ତି।

ଭୂତଳ ଜଳ ଉପରେ ମଧ୍ୟ ଏହାର ବ୍ୟାପକ ପ୍ରଭାବ ପଡୁଛି। ପୋଖରୀରେ ପାଣି ନ ରହିବା ଯୋଗୁଁ ଆଖପାଖ ଅଞ୍ଚଳର କୂଅ ଓ ନଳକୂଅଗୁଡ଼ିକ ଶୁଖିଗଲାଣି। ଫଳରେ ପାଣି ପାଇଁ ଲୋକଙ୍କୁ ନାହିଁ ନ ଥିବା ହଇରାଣ ହେବାକୁ ପଡୁଛି। ଏହି ପୋଖରୀ ଉପରେ ନିର୍ଭର କରୁଥିବା ଶତାଧିକ ପରିବାର ଏବେ ବ୍ୟବହାରୋପଯୋଗୀ ପାଣି ଥିଲେ ମଧ୍ୟ କାମରେ ଲାଗୁନି। ଟୋପାଏ ପାଣି ନ ପାଇ ଅତି ଦୟନୀୟ ଅବସ୍ଥାରେ ଗତି କରୁଛନ୍ତି। ଜିଲ୍ଲା, ବ୍ଲକ୍ ପ୍ରଶାସନ କିମ୍ବା ପଞ୍ଚାୟତ କର୍ତ୍ତୃପକ୍ଷ ଏହି ପୋଖରୀର ପୁନରୁଦ୍ଧାର ପାଇଁ କୌଣସି ପଦକ୍ଷେପ ନେଉନାହାନ୍ତି। ଗ୍ରୀଷ୍ମ ଋତୁ ପୂର୍ବରୁ ଯଦି ଏହି ପୋଖରୀର ସଂସ୍କାର କରାଯାଇଥା'ନ୍ତା, ତେବେ ହୁଏତ ଆଜି ଭୂତଳ ଜଳସ୍ତର ଏତେ ମାତ୍ରାରେ ହ୍ରାସ ପାଇ ନ ଥା'ନ୍ତା। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଆମ ପଞ୍ଚାୟତର ଏହି ପୋଖରୀଟି ଦିନେ ଗ୍ରାମବାସୀଙ୍କ ପାଇଁ ବରଦାନ ସଦୃଶ ଥିଲା। ଲୋକେ ଗାଧୁଆପାଧୁଆଠାରୁ ଆରମ୍ଭ କରି ପାଣି ନେଇ ବ୍ୟବହାର କରିପାରୁଥିଲେ। କିନ୍ତୁ ଏବେ ଏହା ଅବହେଳିତ ହୋଇ ଅନାବନା ଗଛଲତା ସାଙ୍ଗକୁ ଦଳ ଓ ପଙ୍କରେ ପରିଣତ ହୋଇଛି। ପୋଖରୀର ସଂସ୍କାର ହେଲେ ଅଞ୍ଚଳର ଭୂତଳ ଜଳସ୍ତର ବଢ଼ିବ ଏବଂ ପରିବେଶ ସ୍ୱଚ୍ଛ ରହିବ। ତେଣୁ ସରକାର ଏହାର ଖନନ କାର୍ଯ୍ୟ କଲେ ଉଭୟ ଚାଷୀ, ଗୋରୁଗାଈ ଓ ସାଧାରଣ ଜନତା ଉପକୃତ ହୋଇପାରନ୍ତେ। ଏଭଳି ଦୂରଦୃଷ୍ଟିହୀନତା ଯୋଗୁଁ ଆଗାମୀ ଦିନରେ ଗୋବିନ୍ଦପୁର ପଞ୍ଚାୟତରେ ଜଳାଭାବ ସ୍ଥିତି ଅତି ଭୟଙ୍କର ହେବାର ସମ୍ଭାବନା ରହିଛି। ଏଥିପ୍ରତି ସ୍ଥାନୀୟ ବିଧାୟକ ଓ ଜିଲ୍ଲାପାଳ ଆବଶ୍ୟକ ପଦକ୍ଷେପ ନେଇ ତୁରନ୍ତ ଏହି ପୋଖରୀର ସଂସ୍କାର କରି ଜଳ ସଂରକ୍ଷଣ ପାଇଁ ଉଦ୍ୟମ କରିବା ଜରୁରୀ ହୋଇପଡ଼ିଛି। ତେବେ ଏ ସମ୍ପର୍କରେ ସ୍ଥାନୀୟ ବାସିନ୍ଦା କହିଛନ୍ତି, ପଞ୍ଚାୟତ ଆକ୍ସନ ପ୍ଲାନ୍‌ରେ ରଖିଲେ ସଂସ୍କାର କରାଯାଇପାରିବ ବୋଲି କହିଥିବାବେଳେ, ଭାରପ୍ରାପ୍ତ ସରପଞ୍ଚ ଏନେଇ କିଛି ସ୍ପଷ୍ଟ ପ୍ରସ୍ତାବ ଦେଉନାହାନ୍ତି।

## ନଦୀରେ ବୁଡ଼ି ଛାତ୍ରୀଙ୍କ ମୃତ୍ୟୁ

ବରୀ,୪।୬(ସମିସ) : ବରୀ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଚନ୍ଦନପୁର ଗ୍ରାମର ଜଣେ ନବମ ଶ୍ରେଣୀର ଛାତ୍ରୀଙ୍କର ନଦୀରେ ବୁଡ଼ି ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ ଉକ୍ତ ଗ୍ରାମର ପ୍ରଶାନ୍ତ ବିଶ୍ୱାଳଙ୍କ ଝିଅ ଶୁଭଲକ୍ଷ୍ମୀ ବିଶ୍ୱାଳ ତାଙ୍କ ଘର ନିକଟସ୍ଥ ବ୍ରାହ୍ମଣୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଉଥିବା ସମୟରେ କୌଣସି କାରଣବଶତଃ ନଦୀରେ ବୁଡ଼ି ଯାଇଥିଲେ। ଖବର ପାଇ ସ୍ଥାନୀୟ ଲୋକେ ଓ ବରୀ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବହୁ ଖୋଜା ଖୋଜି କରିବା ପରେ ମୃତଦେହ ଉଦ୍ଧାର କରି ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟ



କେନ୍ଦ୍ରକୁ ନେଇଥିଲେ। ସେଠାରେ ଦାୟିତ୍ୱରେ ଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବରୀ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଖବର ପାଇ ବ୍ଲକ ବିଜେଡି ସଭାପତି କେଦାର ସାମଲ ଓ ପ୍ରଧାନ ଶିକ୍ଷକ ନିର୍ମଳ କୁମାର ଜେନା ଘଟଣା ସ୍ଥଳରେ ପହଞ୍ଚିଥିଲେ। ମୃତ ଛାତ୍ରୀ ପଞ୍ଚାୟତ ହାଇସ୍କୁଲର ନବମ ଶ୍ରେଣୀରେ ପଢୁଥିଲେ। ବରୀ ବିଧାୟକ ବିଶ୍ୱ ରଞ୍ଜନ ମଲିକ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ବିଜେପି ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର ପ୍ରମୁଖ ଶୋକ ବ୍ୟକ୍ତ କରିବା ସହିତ ମୃତ ଛାତ୍ରୀଙ୍କ ପରିବାରକୁ ସମବେଦନା ଜଣାଛନ୍ତି।

## ସମାଜସେବୀଙ୍କ ସ୍ମୃତିଚାରଣ ସଭା

ସିଂହପୁର,୪।୬(ସମିସ): ବିଂଝାରପୁର ବ୍ଲକ୍ ସିଂହପୁର ଗ୍ରାମର ସମାଜସେବୀ ବୃନ୍ଦାବନ ଜେନାଙ୍କ ଏକାଦଶାହରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଦ୍ମ ଚରଣ ଧଳ, ପୁରୁଷୋତ୍ତମ ବେହେରା, ନିରଞ୍ଜନ ଦାସ, ସୁଶାନ୍ତ କୁମାର ନାୟକ, ମେଘନାଥ ମହାଲିକ, ପ୍ରଦୀପ କୁମାର ଜେନା, ସୁବାସ ପ୍ରଧାନ, କଳାକାର ପାତ୍ର, ଶ୍ରୀହରି ସାହୁ, ନାରାୟଣ ଚନ୍ଦ୍ର ଦାସ, ନିତ୍ୟାନନ୍ଦ ସାମଲ, ଚନ୍ଦ୍ରମଣି ନାୟକ, ଭରତ ଚନ୍ଦ୍ର ନାୟକ, ଶ୍ୟାମ ସୁନ୍ଦର ସାମଲ, ମଳୟ କୁମାର ଥାଟୋଇ, ରାମ ବଳିଆର ସିଂହ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଜେନାଙ୍କ ବହୁମୁଖୀ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ।

## ବଜ୍ରପାତରେ ଚାଷୀଙ୍କ ମୃତ୍ୟୁ

ବରୀ,୪।୬(ସମିସ) : ଯାଜପୁର ଜିଲ୍ଲା ବରୀ ରାମଚନ୍ଦ୍ରପୁର ଥାନା ଗୋଲକୁଣ୍ଡ ନୁରୁପୁର ଗ୍ରାମରେ ବଜ୍ରାଘାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ଗ୍ରାମର ୪ ନମ୍ବର ୱାର୍ଡର ମାଗୁଣି ମଲ୍ଲିକ (୬୨) ତାଙ୍କ ଧାନ ବିଲରେ କୀଟନାଶକ ପକାଉଥିବା ସମୟରେ ହଠାତ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇଥିଲା। ସେହି ସମୟରେ ତାଙ୍କୁ ବଜ୍ରାଘାତ ହେବାରୁ ସ୍ଥାନୀୟ ଲୋକଙ୍କ ନିକଟରୁ ଖବର ପାଇ ତାଙ୍କ ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଦାୟିତ୍ୱରେ ଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବରୀ ରାମଚନ୍ଦ୍ରପୁର ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି।

## ୯ ଗୋରୁ ଉଦ୍ଧାର; ଦୁଇ ଅଭିଯୁକ୍ତ ଗିରଫ

ଭଦ୍ରକ,୪।୬(ସମିସ): ଗୋରୁ ଚାଲାଣକାରୀଙ୍କ ଉପରେ ପୁଲିସ ଚଢ଼ଉ କରିଛି। ଭଦ୍ରକ ପୁରୁଣାବଜାର ପୁଲିସ ନଙ୍ଗାମହଲା ଅଞ୍ଚଳରେ ଚଢ଼ଉ କରି ୯ ଗୋରୁ ଉଦ୍ଧାର କରିବା ସହିତ ୨ ଜଣଙ୍କୁ ଗିରଫ କରିଛି। ସେହିପରି ଗୋ-ଚାଲାଣରେ ବ୍ୟବହୃତ ଗୋଟିଏ ପିକ୍‌ଅପ୍ ଭ୍ୟାନ୍, ସ୍କର୍ପିଓ ସହିତ ଗୋଟିଏ ବାଇକ୍ ମଧ୍ୟ ଜବତ କରିଛି। ପ୍ରକାଶ ଯେ, ଭଦ୍ରକ ପୁରୁଣା ବଜାର ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ନଙ୍ଗାମହଲା ଅଞ୍ଚଳରେ ବୁଧବାର ବିଳମ୍ବିତ ରାତିରେ ଚଢ଼ଉ କରିଥିଲା। ଚଢ଼ଉବେଳେ ଗୋ-ଚାଲାଣ ପାଇଁ ପ୍ରସ୍ତୁତ ହେଉଥିବା ଗୋ-ଚାଲାଣକାରୀମାନେ ଘଟଣାସ୍ଥଳରୁ ଫେରାର୍ ପାଇଁ ଉଦ୍ୟମ ବେଳେ ପୁଲିସ ୨ଜଣଙ୍କୁ କାବୁ କରିଥିଲା। ୨ ଗିରଫ ଅଭିଯୁକ୍ତ ହେଲେ ଅଉଲାଦ କାଦ୍ରି ଓ ଇସ୍ମାଇଲ୍ ଖାନ୍। ତେବେ ଏମାନେ ଦୀର୍ଘ ଦିନ ହେବ ଗୋ-ଚାଲାଣରେ ସମ୍ପୃକ୍ତ ଥିବା ପୁଲିସ ସୂଚନା ଦେଇଛି। ଚଢ଼ଉବେଳେ ୯ ଗୋରୁଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟ ପରୀକ୍ଷା ପରେ ଗୋଶାଳାରେ ଛାଡ଼ିଛି ପୁଲିସ। ତେବେ ଗୋ-ଚାଲାଣକାରୀର ମୁଖ୍ୟ ମାଷ୍ଟରମାଇଣ୍ଡ ପାଖରେ ପହଞ୍ଚିବା ପାଇଁ ପୁଲିସ ଚଢ଼ଉ ଜାରି ରଖିଥିବା ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ସିଟି ଡିଏସ୍‌ପି ଅନିଲ ପ୍ରଧାନ।

## ଜେଲ୍ ଗଲେ ଭଦ୍ରକ ଆୟକର ସୁପରିଣ୍ଟେଣ୍ଡେଣ୍ଟ

ଭଦ୍ରକ,୪।୬(ସମିସ): ଭଦ୍ରକ ଆୟକର ସୁପରିଣ୍ଟେଣ୍ଡେଣ୍ଟ ରମେଶ ମହାନ୍ତିଙ୍କୁ ଲାଞ୍ଚ ନେବା ଅଭିଯୋଗରେ ଗିରଫ କରିଛି ସିବିଆଇ। ଜଣେ



ବ୍ୟକ୍ତିଙ୍କ ଡୁପ୍ଲିକେଟ୍ ପାନ କାର୍ଡ ଡିଲିଟ୍ କରିବାକୁ ଲାଞ୍ଚ ନେବାବେଳେ ଧରିଥିଲା ସିବିଆଇ। ବିଭିନ୍ନ କାଗଜପତ୍ର ତଦନ୍ତ ପରେ ବୁଧବାର ବିଳମ୍ବିତ ରାତିରେ ଗିରଫ କରିଛି ସିବିଆଇ। ସୂଚନା ମୁତାବକ, ଆୟକର ବିଭାଗ କାର୍ଯ୍ୟାଳୟ, ଭଦ୍ରକର ଅଫିସ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀ ମହାନ୍ତି ଅଭିଯୋଗକାରୀଙ୍କର ଏକ ଡୁପ୍ଲିକେଟ (ନକଲି) ପାନ୍ କାର୍ଡକୁ ଡିଲିଟ୍ କରିବା ପାଇଁ ୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ବୁଧବାର ସନ୍ଧ୍ୟାରେ ଉକ୍ତ ବ୍ୟକ୍ତିଙ୍କଠାରୁ ୪ ହଜାର ଟଙ୍କା ନେଉଥିବାବେଳେ ପୂର୍ବରୁ ପ୍ରସ୍ତୁତି ଥିବା ସିବିଆଇ ଟିମ୍ ମାଡ଼ି ବସିଥିଲା।

## ପାଣିନାଳ ପୁନରୁଦ୍ଧାର ପାଇଁ ଚାଷୀଙ୍କ ଦାବିପତ୍ର



ଧାମନଗର,୪।୬(ସମିସ): ଧାମନଗର ବ୍ଲକ୍ ଭଗବାନପୁର ପଞ୍ଚାୟତର ସରକାରୀ ପାଣି ନାଳ ଦୀର୍ଘ ବର୍ଷ ହେବ ପୁନରୁଦ୍ଧାର ନ ହେବା ଦ୍ୱାରା ପୋତି ହୋଇ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଫଳରେ ଚାଷ ଜମିକୁ ଜଳ ନିଷ୍କାସନ ଓ ଜଳସେଚନରେ ସମସ୍ୟା ଦେଖାଯାଉଛି। ଏନେଇ ଭଗବାନପୁର ପଞ୍ଚାୟତ ୭ ଓ ୮ ନଂ ୱାର୍ଡ ସହ ଅନ୍ୟାନ୍ୟ ୱାର୍ଡର ଚାଷୀ ସମୂହ ଧାମନଗର ଅତିରିକ୍ତ ତହସିଲଦାର ସାଇ ସିଲୋନାଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହ ଲିଖିତ ଅଭିଯୋଗ କରିଥିଲେ। ଅତିରିକ୍ତ ତହସିଲଦାର ତୁରନ୍ତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇ କାର୍ଯ୍ୟ କରାଇବାକୁ ଉପସ୍ଥିତ ଚାଷୀମାନଙ୍କୁ କହିଥିଲେ।

ଚାଷ ଜମିକୁ ଜଳସେଚନ, ଜଳ ନିଷ୍କାସନ ନେଇ ରାଜ୍ୟ ସରକାର ଜଳସେଚନ ବିଭାଗ ଦ୍ୱାରା ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି କୃଷକଙ୍କ ପାଇଁ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରୁଛନ୍ତି। ଯାହାକି ବିଭିନ୍ନ ଜଳସେଚନ କେନାଲର ପୁନରୁଦ୍ଧାର, କାଡ଼ା ନାଳ, ଉଠା ଜଳସେଚନ ଆଦି ବିଭାଗ ଦ୍ୱାରା କାର୍ଯ୍ୟକାରିତା ହେଉଥିବାବେଳେ ପଞ୍ଚାୟତସ୍ତରରେ ଗଠନ ହୋଇଥିବା ପାଣି ପଞ୍ଚାୟତ ମାଧ୍ୟମରେ ମଧ୍ୟ ଚାଷ ଜମିକୁ ସଂଲଗ୍ନ ଥିବା ପାଣି ନାଳର ସଫା କରିବା ସହ ଅନ୍ୟାନ୍ୟ ଉନ୍ନତିମୂଳକ ପଦକ୍ଷେପ ନିଆଯାଉଛି। ହେଲେ ଏସବୁ ଦିଗରେ ବିଭାଗୀୟ ଅଧିକାରୀମାନେ ଉପଯୁକ୍ତ ପଦକ୍ଷେପ ନେଉ ନ ଥିବାରୁ ମୁଖ୍ୟ କେନାଲରୁ ସଂଯୋଗ ଥିବା ଚାଷ ଜମି ପାଣି ନାଳ, ସୋଠ, କଲଭର୍ଟ ଆଦି ନିର୍ମାଣରେ ବ୍ୟତିକ୍ରମ ହେବା ଦ୍ୱାରା ଏଗୁଡ଼ିକ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଅନ୍ୟପକ୍ଷରେ ପାଣି ନାଳଟି ଉକ୍ତ ପାଣି ପଞ୍ଚାୟତ ମଧ୍ୟରେ ଥିଲେ ମଧ୍ୟ ନୂତନ କରି ନିର୍ବାଚିତ ହୋଇଥିବା ସଭାପତି ଓ ସଭାନେତ୍ରୀଙ୍କ ମଧ୍ୟରେ ସଠିକ୍ ତାଳମେଳ ରହୁ ନ ଥିବାରୁ କେବଳ ଘାସ ସଫା କରିବା ଛଡ଼ା ଅନ୍ୟ କୌଣସି ସରକାରୀ ଅନୁଦାନରେ ଉନ୍ନତିମୂଳକ କାର୍ଯ୍ୟ କରାଯାଉନି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏଣୁ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଯଥାଶୀଘ୍ର ପାଣି ନାଳର ପୁନରୁଦ୍ଧାର ନେଇ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ନେଇ ଜଳସେଚନ ସଚିବ, ଜିଲ୍ଲାପାଳ ତଥା ଜଳସେଚନ ବିଭାଗ ଆଖୁଆପଦା, ଭଣ୍ଡାରିପୋଖରୀ ଅଧିକାରୀମାନଙ୍କୁ ପ୍ରଦାନ କରାଯାଇଛି ବୋଲି ଚାଷୀ ଅଶୋକ ଯେନା, ବିମଳ ପାତ୍ର, ଶମ୍ଭୁନାଥ ସାହୁ, ଗୋପାଳ ପାତ୍ର, ଅନୁପ ଶଙ୍ଖୁଆ, ରବୀନ୍ଦ୍ର ବିଶ୍ୱାଳ ପ୍ରମୁଖ ଅଭିଯୋଗ କରିଛନ୍ତି।

● ଭଦ୍ରକ ସ୍ୱୟଂଶାସିତ କଲେଜ ଅଧ୍ୟକ୍ଷ ପଦ ବିବାଦ

## ଭଙ୍ଗାଯିବ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟର ତାଲା !

ଭଦ୍ରକ,୪।୬(ସମିସ): ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଭଦ୍ରକ ସ୍ୱୟଂଶାସିତ କଲେଜର ଇନ୍‌ଚାର୍ଜ ପ୍ରିନ୍ସପାଲ ଭାବେ ଡ. ଲଳିତ ରଞ୍ଜନ ସାହୁ କାର୍ଯ୍ୟରେ ଯୋଗଦେଇଥିଲେ। ପୂର୍ବତନ ଅଧ୍ୟକ୍ଷ ଡ. ରଜତ କୁମାର ପ୍ରଧାନ ଆଜିଯାଏଁ ତାଙ୍କୁ ଦାୟିତ୍ୱ ବହନ କରିବାର ସୁଯୋଗ ଦେଉନାହାନ୍ତି। ପ୍ରିନ୍ସପାଲଙ୍କ କାର୍ଯ୍ୟାଳୟରେ ତାଲା ପକାଇ ଚାବିକାଠି ନିଜ ପାଖରେ ରଖିଛନ୍ତି। ଫଳରେ ନୂଆ ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ସାହୁ କାର୍ଯ୍ୟରେ ଯୋଗଦେବା ଦିନଠାରୁ ବସିବାକୁ ଜାଗା ପାଉନାହାନ୍ତି। କଲେଜର ବିଭିନ୍ନ ଦପ୍ତରରେ ବସି ନିଜ ଦାୟିତ୍ୱ ନିର୍ବାହ କରିବାକୁ ପଡୁଛି। କଲେଜର ଏପରି ଅଚଳାବସ୍ଥାକୁ ନେଇ ଏକ ଖବର ପ୍ରକାଶ ପାଇଥିଲା। ବାଲେଶ୍ୱର ରିଜିଓନାଲ ଡାଇରେକ୍ଟର ପ୍ରିନ୍ସପାଲ କାର୍ଯ୍ୟାଳୟର ଇନ୍‌ଭେଣ୍ଟୋରୀ କଲେଜର ସମସ୍ତ ରେକର୍ଡ, ଡକ୍ୟୁମେଣ୍ଟ, ଫାଇଲ୍, ରେଜିଷ୍ଟର, ଆସବାବପତ୍ର ଓ ପୂର୍ବତନ ଅଧ୍ୟକ୍ଷ ଡ. ପ୍ରଧାନଙ୍କ ନିକଟରେ ଥିବା ଚାବିକାଠିକୁ ଉଦ୍ଧାର କରିବା ପାଇଁ ଜିଲ୍ଲାପାଳଙ୍କୁ ଏକ ଚିଠି ଲେଖିଛନ୍ତି। ଯାହାର ଚିଠି ନଂ ୧୫୧୪/ଆର୍‌ଡିଇ, ତା ୧.୬.୨୦୨୬ ରିଖ। ରିଜିଓନାଲ ଡାଇରେକ୍ଟଙ୍କ ଚିଠି ପାଇବା ପରେ ଜିଲ୍ଲାପାଳ ଡ. ଦିଲ୍ଲୀପ ରାଉତରାଏଙ୍କ ପକ୍ଷରୁ ଆସନ୍ତା ୫ ତାରିଖ ପୂର୍ବାହ୍ନ ୧୦ଟାରେ ଇନ୍‌ଭେଣ୍ଟୋରୀ ପାଇଁ ଗୁରୁବାର ନିର୍ଦ୍ଦେଶନାମା ଜାରି ହୋଇଛି। ଯାହାର ପତ୍ର ସଂଖ୍ୟା ୭୫୧୬/୩.୬.୨୬। ଏହାସହିତ ନୂଆ ଅଧ୍ୟକ୍ଷ ଡ. ସାହୁଙ୍କୁ କଲେଜରେ ୫ ଜଣିଆ ବରିଷ୍ଠ ଅଧ୍ୟାପକଙ୍କୁ ନେଇ ଏକ ଇନ୍‌ଭେଣ୍ଟୋରୀ ଟିମ୍ ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଇନ୍‌ଭେଣ୍ଟୋରୀ କାର୍ଯ୍ୟ ପରିଚାଳନା କରିବା ପାଇଁ ଭଦ୍ରକ ତହସିଲ୍‌ଦାର, ଅତିରିକ୍ତ ତହସିଲ୍‌ଦାର ରଞ୍ଜନ କୁମାର ସିଂଙ୍କୁ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଭାବେ ନିଯୁକ୍ତି ଦିଆଯାଇଛି। ସୂଚନାଯୋଗ୍ୟ, ଡ. ସାହୁ ଭଦ୍ରକ ସ୍ୱୟଂଶାସିତ କଲେଜରେ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗଙ୍କ ଦ୍ୱାରା ନିଯୁକ୍ତି ପାଇଥିଲେ। ଯାହାର ନିର୍ଦ୍ଦେଶନାମା ନଂ ୨୨୬୫୨/ଏଚ୍‌ଇ, ତା୨୬.୫.୨୬ ରିଖ ଅଟେ। ପୂର୍ବତନ ଅଧ୍ୟକ୍ଷ ଡ. ପ୍ରଧାନ ଢେଙ୍କାନାଳ ବଦଳି ହୋଇଥିଲେ ମଧ୍ୟ ସେ କାର୍ଯ୍ୟରେ ଯୋଗଦେଇ ନ ଥିଲେ। ଅପରପକ୍ଷରେ କଲେଜରେ ତାଲା ପକାଇ ଦେଇଥିଲେ। ଫଳରେ କଲେଜର ପ୍ରଶାସନିକ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଉଚ୍ଚଶିକ୍ଷା ବିଭାଗ ଗତ ୧୯.୫.୨୬ରେ ତାଙ୍କୁ ସେଣ୍ଟ୍ରାଲି ରିଲିଫ୍ କରିବା ସହ ନୂଆ ଅଧ୍ୟକ୍ଷଙ୍କୁ ଦାୟିତ୍ୱ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ଆନନ୍ଦପୁର ଅଞ୍ଚଳରେ ଖଣି ବିଭାଗର ଚଢ଼ଉ; ଗଚ୍ଛିତ ବାଲି ଜବତ

ଦୋବଲ,୪।୬(ସମିସ): ଧାମନଗର ବ୍ଲକ୍ ଦେଇ ପ୍ରବାହିତ ବୈତରଣୀ ନଦୀରୁ ବେଆଇନ ଭାବେ ଉତ୍ତୋଳନ କରାଯାଇ ଆନନ୍ଦପୁର ପଞ୍ଚାୟତ ଅଞ୍ଚଳରେ ଗଚ୍ଛିତ ରଖାଯାଇଥିବା ବହୁ ପରିମାଣର ବାଲିକୁ ଖଣି ବିଭାଗ ପକ୍ଷରୁ ଜବତ କରାଯାଇଛି। ଭଦ୍ରକ କନିଷ୍ଠ ଖଣିଅଧିକାରୀ ସୌମ୍ୟରଞ୍ଜନ ଦ୍ୱିବେଦୀଙ୍କ ନେତୃତ୍ୱରେ ଗୁରୁବାର ସକାଳୁ ଆନନ୍ଦପୁର ଅଞ୍ଚଳର ୩ଟି ସ୍ଥାନରେ ଚଢ଼ଉ କରାଯାଇ ଜମି ମାଲିକଙ୍କୁ ନୋଟିସ୍ ଦେବା ସହ ଏହି ବାଲି ଜବତ କରାଯାଇଥିଲା। ସୂଚନା ଅନୁଯାୟୀ, ବୈତରଣୀ ନଦୀରୁ ଅନୁମତି ବିନା ବାଲି ଉତ୍ତୋଳନ କରି କିଛି ବ୍ୟକ୍ତି ତାହାକୁ ମହଜୁଦ ରଖିଥିବା ନେଇ ଖଣି ବିଭାଗ ନିକଟରେ ଅଭିଯୋଗ ପହଞ୍ଚିଥିଲା। ଏହାପରେ ଖଣି ବିଭାଗ ତତ୍ପରତା ପ୍ରକାଶ କରି ଚଢ଼ଉ କରିଥିଲା। ଯାଞ୍ଚ ସମୟରେ ଆବଶ୍ୟକ କାଗଜପତ୍ର ଓ ବୈଧ ଅନୁମତି ପ୍ରଦର୍ଶନ କରିବାରେ ସମ୍ପୃକ୍ତ ବ୍ୟକ୍ତିମାନେ ବିଫଳ ହେବାରୁ ବାଲିକୁ ଜବତ କରାଯାଇଥିବା ଜଣାପଡ଼ିଛି। ଖଣି ବିଭାଗ ପକ୍ଷରୁ କୁହାଯାଇଛି ଯେ, ବେଆଇନ ଖଣିଜ ସମ୍ପଦ ଉତ୍ତୋଳନ ଓ ଚୋରାଚାଲାଣ ରୋକିବା ପାଇଁ ଆଗାମୀ ଦିନରେ ଏଭଳି ଚଢ଼ଉ ଆହୁରି ଜୋରଦାର କରାଯିବ। ଘଟଣା ପରେ ବେଆଇନ ବାଲି ବ୍ୟବସାୟୀଙ୍କ ମଧ୍ୟରେ ଛନକା ପଶିଛି।

## ବ୍ରହ୍ମବରଦା ଥାନାର ନୂତନ ବିଲ୍‌ଡିଂ ଉଦ୍‌ଘାଟିତ

ବ୍ରହ୍ମବରଦା,୪।୬(ସମିସ): ବ୍ରହ୍ମବରଦା ଥାନାର ନୂତନ କୋଠାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ଜରିଆରେ ଉଦ୍‌ଘାଟନ କରିଛନ୍ତି। ଯାଜପୁର ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମଲ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏସ୍‌ଡିପିଓ ଶରତ ପାତ୍ର, ବ୍ରହ୍ମବରଦା ଥାନା ଅଧିକାରୀଣୀ ଜୟନ୍ତୀ ମଲ୍ଲିକଙ୍କ ସମେତ ବହୁ ଉଚ୍ଚପଦସ୍ଥ ଅଧିକାରୀ ଯୋଗଦାନ କରିଥିଲେ। ନୂତନ ଅତ୍ୟାଧୁନିକ ଥାନା ବିଲ୍‌ଡିଂ ଅପରାଧ ନିମନ୍ତ୍ରଣ, ମହିଳା ସୁରକ୍ଷା ଓ ତ୍ୱରିତ ନ୍ୟାୟ ପ୍ରଦାନ କ୍ଷେତ୍ରରେ ସହାୟତା ମିଳିବ। ପୁଲିସ ଜନତା ସାଥିହୋଇ କାମ କରିବେ ବୋଲି କହିଥିଲେ। ରାଜ୍ୟରେ ବଢ଼ିଚାଲିଥିବା ସାଇବର ଅପରାଧରେ ରୋକ୍ ଲଗାଇବାରେ ସାହାଯ୍ୟ କରିବ। ନୂତନ ଥାନା ଗୃହ ଉଦ୍‌ଘାଟନ ହେବା ଫଳରେ ବ୍ରହ୍ମବରଦା ଥାନ ଅର୍ନ୍ତଗତ ୮ ଗୋଟି ପଞ୍ଚାୟତ ର ପ୍ରାୟ ୨୮ ଗୋଟି ଗାଁ ର ପ୍ରାୟ ୫୦ ହଜାର ଲୋକେ ତ୍ୱରିତ ନ୍ୟାୟ ପାଇପାରିବେ। ଏହି ଆଧୁନିକ କୋଠାରେ ମହିଳା ଓ ଶିଶୁ ଡେସ୍କ, ସାଇବର ହେଲ୍ପ ଡେସ୍କ ସିସିଟିଭି ସର୍ଭିଲାନ୍ସ, ଅନ୍‌ଲାଇନ୍ ଏଫ୍‌ଆଇଆର, ସ୍ୱାଗତ କକ୍ଷ, ଶିଶୁ ସ୍ତନ୍ୟପାନ କକ୍ଷ ଏବଂ ଭିନ୍ନକ୍ଷମଙ୍କ ସୁଗମ ଯାତାୟତ ପାଇଁ ରାମ୍ପର ବ୍ୟବସ୍ଥା କରାଯାଇଛି।

## ସତ୍ୟସାଇ ଭଜନ ମଣ୍ଡଳୀର ପ୍ରଥମ ବାର୍ଷିକ ଉତ୍ସବ

ବ୍ରହ୍ମବରଦା,୪।୬(ସମିସ): ରସୁଲପୁର ବ୍ଲକ୍ ବ୍ରହ୍ମବରଦାରେ ସତ୍ୟସାଇ ଭଜନ ମଣ୍ଡଳୀର ପ୍ରଥମ ବାର୍ଷିକ ଉତ୍ସବ ନୀଳକଣ୍ଠପୁର ସେବା ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମବରଦା ସତ୍ୟସାଇ ଭଜନ ମଣ୍ଡଳୀର ଆବାହକ ଗୋପୀନାଥ ବେହେରାଙ୍କ ଆବାହନରେ ପ୍ରାତଃ ସମୟରୁ ଓଁକାର, ସୁପ୍ରଭାତମ୍, ନଗର ସଂକୀର୍ତ୍ତନ, ଷୋଡ଼ଶ ଉପଚାର ପୂଜା ଏବଂ ନଗରପରିକ୍ରମା ଅନୁଷ୍ଠିତ ହୋଇଥିଲା। ଦିବା ୧୦ଘଟିକା ସମୟରେ ଜ୍ୟୋତି ଆବାହନ, ବେଦପାଠ, ସମବେତ ସଙ୍ଗୀତ ସହ ସଭା ଉଦ୍‌ଘାଟନ କରାଯାଇଥିଲା। ସେହିପରି ଦିବା ୧୨ଘଟିକାରେ କୃତୀ ବାଳବିକାଶ ପିଲାମାନଙ୍କୁ ପୁରସ୍କାର ବିତରଣ ଓ ଦିବା ୧ଘଟିକାରେ ମଙ୍ଗଳ ଆଳତି, ନାରାୟଣ ସେବା ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମିତି ଆବାହକ କୃଷ୍ଣଚନ୍ଦ୍ର ସାମଲ, ଜିଲ୍ଲା ସଭାପତି ମନୋରଞ୍ଜନ ସାମଲ, ଜିଲ୍ଲା ଆଧ୍ୟାତ୍ମିକ ସଂଯୋଜିକା ମମତା ସାମଲ, ଜିଲ୍ଲା ସଂଗଠନ ସମ୍ପ୍ରସାରଣ କାର୍ଯ୍ୟନିର୍ବାହୀ ପ୍ରଣବ ଶରଣ, ଶିକ୍ଷା ସଂଯୋଜକ ପ୍ରଭାତ କୁମାର ତ୍ରିପାଠୀ ଓ ରବିନ୍ଦ୍ର କୁମାର ଓଝା ପ୍ରମୁଖ ଯୋଗଦାନ କରିଥିବା ବେଳେ ଆବାହକ ଗୋପୀନାଥ ବେହେରା ବାର୍ଷିକ ବିବରଣୀ ପାଠକରିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମବରଦା ଭଜନ ମଣ୍ଡଳୀର ସାଇ ପ୍ରେମୀ ସୁମନ୍ତ ବେହେରା, ମନୋଜ ବିଶ୍ୱାଳ, ସାଇପ୍ରସାଦ ଓଝା, ରବୀନ୍ଦ୍ର ଓଝା, କୈଳାସ ବେହେରା ଓ ନୀଳକଣ୍ଠପୁର ସେବା ସମିତିର ସତ୍ୟସାଇ ପ୍ରେମୀ ଭକ୍ତ ଉପସ୍ଥିତ ରହି ସାଇପ୍ରେମ ଆଶୀର୍ବାଦ ଗ୍ରହଣ କରିଥିଲେ।

## କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବାରିକପୁର,୪।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ବିଷ୍ଣୁପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ କ୍ରୀଡ଼ା ଶିକ୍ଷକ ସୁଧାକର ମହାପାତ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶ୍ରୀ ମହାପାତ୍ର ଜଳମଣ୍ଡୁଆ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟରୁ କ୍ରୀଡ଼ା ଶିକ୍ଷକ ଭାବେ ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ବିଷ୍ଣୁପୁର ପଞ୍ଚାୟତ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସରପଞ୍ଚ ଅମୂଲ୍ୟ ନାୟକ ସଭାପତିତ୍ୱ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀରାମ ନବମୀ ଯଜ୍ଞ କମିଟିର ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ ଓ ଭାରତୀୟ ମଜଦୂର ସଂଘ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟମାନେ ଉପସ୍ଥିତ ରହି ଅବସର ଗ୍ରହଣ କରିଥିବା ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପଞ୍ଚାୟତ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ଶୁଭେଚ୍ଛୁ ଏଥିରେ ଯୋଗଦେଇ ଶ୍ରୀ ମହାପାତ୍ରଙ୍କ ଅବସରକାଳୀନ ସମୟ ଦୀର୍ଘ, ସୁସ୍ଥ, ନିରାମୟ ହେଉ ବୋଲି ଜଣାଇଥିଲେ।



## ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଭଦ୍ରକ,୪।୬(ସମିସ): ଚାନ୍ଦବାଲି ବ୍ଲକ୍ ନାଲଗୁଣ୍ଡା ପଞ୍ଚାୟତରେ ଆର୍ଟ ଅଫ୍ ଗିଭିଙ୍ଗ୍‌ର ୧୩ତମ ସଂସ୍କରଣ ଅବସରରେ ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସମାଜସେବୀ ଡ. ଅଚ୍ୟୁତ ସାମନ୍ତଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜସେବାରେ ନିଜକୁ ନିୟୋଜିତ କରିଥିବା ସମାଜସେବୀ ସତ୍ୟାନନ୍ଦ ରାଉତଙ୍କ ନେତୃତ୍ୱରେ ଚାନ୍ଦବାଲି ବ୍ଲକ୍‌ର ନାଲଗୁଣ୍ଡା ପଞ୍ଚାୟତ ସହ ନାଲଗୁଣ୍ଡା ମୁଖ୍ୟ ରାସ୍ତା ପାର୍ଶ୍ୱରେ ବୃକ୍ଷରୋପଣ କରାଯାଇଥିଲା। ପୂର୍ବତନ ଶିକ୍ଷକ ପ୍ରଫୁଲ୍ଲ ଦାସଙ୍କ ନେତୃତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅତିଥିଭାବେ ନାଲଗୁଣ୍ଡା ସରପଞ୍ଚ ଭାରତୀ ବିଶ୍ୱାଳ, ଯଶିପୁର ସରପଞ୍ଚ ପ୍ରମିଳା ମାଝୀ, ଦୈତାରୀ ଦାସ, ହେମେନ୍ଦ୍ର ବାରିକ, ରଞ୍ଜନ ମିଶ୍ର, ଧ୍ରୁବ ପାଣିଗ୍ରାହୀ, ସନାତନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ନାଲଗୁଣ୍ଡା ପଞ୍ଚାୟତ ପୋଖରୀ ଚାରି ପାଖରେ ବୃକ୍ଷରୋପଣ କରିଥିଲେ। ସେହିପରି ଯୁବନେତା ନିରଞ୍ଜନ ବାରିକ, ପୃଥ୍ୱୀରାଜ ନାୟକ, ଦୀପକ ଭୋଇ, ସୁରେନ୍ଦ୍ର ବିଶ୍ୱାଳ, ସୁକାନ୍ତ ଦାସ, ସୁଶାନ୍ତ ସ୍ୱାଇଁ ପ୍ରମୁଖ ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ନାଲଗୁଣ୍ଡା ରାସ୍ତାପାର୍ଶ୍ୱରେ ପାଖାପାଖି ୧୦୦ରୁ ଊର୍ଦ୍ଧ୍ୱ ଗଛ ଲଗାଇଥିଲେ। ଏହି କାର୍ଯ୍ୟକ୍ରମ ଆଗକୁ ଜାରି ରହିବ, ୨୦ହଜାରରୁ ଊର୍ଦ୍ଧ୍ୱ ଗଛ ଲଗାଯିବାର ଯୋଜନା ରହିଛି ବୋଲି ସତ୍ୟାନନ୍ଦ ରାଉତ ପ୍ରକାଶ କରିଛନ୍ତି। ତେବେ ଯେପରି ଭାବେ ତାପମାତ୍ରା ବଢୁଛି ତା'ଠୁ ରକ୍ଷା ପାଇବାକୁ ହେଲେ ସମସ୍ତେ ଗଛ ଲଗାଇବାକୁ ସାମ୍ବାଦିକ ଦେବାଶିଷ ପାଢ଼ୀ ସମସ୍ତଙ୍କୁ ଅନୁରୋଧ କରିଥିଲେ।



ପୂର୍ତ୍ତ ବିଭାଗର ଅବହେଳା

## ରାସ୍ତା ପାଲଟିଛି ମରଣଯନ୍ତା; ସହରବାସୀ ହନ୍ତସନ୍ତ

ଯାଜପୁର,୪।୬(ସମିସ): ରାଜ୍ୟରେ ଗମନାଗମନର ଉନ୍ନତି ପାଇଁ ରହିଥିବା ପ୍ରମୁଖ ବିଭାଗ ମଧ୍ୟରେ ପୂର୍ତ୍ତ ବିଭାଗ ଅନ୍ୟତମ। ଏହି ବିଭାଗ ଅଧୀନରେ ଗୁରୁତ୍ୱପୂର୍ଣ୍ଣ ରାସ୍ତା ଓ ପୋଲ ନିର୍ମାଣ ଏବଂ ମରାମତିର ଦାୟିତ୍ୱ ରହିଥାଏ। ବାର୍ଷିକ ବ୍ୟୟ ବରାଦ ମଧ୍ୟ ଏହି ବିଭାଗକୁ ଅଧିକ ମିଳିଥାଏ। କିନ୍ତୁ ବିଭାଗରେ ରହିଥିବା ଦାୟିତ୍ୱହୀନ ଅଧିକାରୀଙ୍କ କାର୍ଯ୍ୟକଳାପ ଯୋଗୁଁ ଏହି ବିଭାଗ ପ୍ରତି ଧୀରେ ଧୀରେ ଜନଆକ୍ରୋଶ ବଢ଼ିବାରେ ଲାଗିଛି। ଏହି ବିଭାଗର କାମ ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ହେଉଥିଲେ ମଧ୍ୟ ଠିକଣା ସମୟରେ ଠିକଣା କାମ ହେଉନଥିବାରୁ ବିଭାଗ ଧୀରେ ଧୀରେ ବଦନାମ ହେଉଛି। ଖୋଦ ଜିଲ୍ଲା ସଦର ମହକୁମାର



ପୌରାଞ୍ଚଳରେ ପୂର୍ତ୍ତ ବିଭାଗର ଖାମଖିଆଲି ମନୋଭାବକୁ ନେଇ ଜନଅସନ୍ତୋଷ ଦେଖିବାକୁ ମିଳିଛି। ଯାଜପୁର ପୌରପାଳିକା ଅଞ୍ଚଳରେ ଗତ କିଛିବର୍ଷ ମଧ୍ୟରେ ହୋଇଥିବା ରାସ୍ତା କାମଗୁଡ଼ିକ ଅଧପନ୍ତରିଆ ହୋଇ ପଡ଼ିରହିଛି। ଫଳରେ ସହରବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମହାବୀର ଛକରୁ ଟିଭିଏସ୍ ସୋ' ରୁମ୍ ଛକ ହେଉ ଅବା ମେଡିକାଲ ଛକଠାରୁ ଗରିଆପୁର ରାସ୍ତା, ସବୁଠି ଅଧା ଖଣ୍ଡିଆ ଅବସ୍ଥା ଦେଖିବାକୁ ମିଳିଛି। ଡ୍ରେନ୍ ମୁକୁଳା ପଡ଼ିଛି। ସେହିପରି ମହାବୀର ଛକରୁ ରେଡକ୍ରସ ଛକ ପର୍ଯ୍ୟନ୍ତ କାମ ଅଧାପନ୍ତରିଆ ଫଳରେ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷାଧିକ କାଳ ଏଭଳି ଖଣ୍ଡିଆ ଖାବରା ଅବସ୍ଥାରେ ରାସ୍ତା ଗୁଡିକ ପଡିଥିଲେ ମଧ୍ୟ ପୂର୍ତ୍ତ ବିଭାଗୀୟ କର୍ତ୍ତୃପକ୍ଷଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଭଙ୍ଗ ହେଉନାହିଁ। ଗରିଆପୁର ଠାରୁ କାଳୀମେଘା ରାସ୍ତା ଉଚ୍ଚ ଖାଲ ଅବସ୍ଥାରେ ପଡ଼ିରହିଛି। ଫଳରେ ଗାଡ଼ି ଯାତାୟତ ସମୟରେ ତଳେ ପିଟି ହୋଇ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଗରିଆପୁରରେ ତ ସବୁ ସୀମା ଅତିକ୍ରମ କରି ବିଭାଗୀୟ କର୍ତ୍ତୃପକ୍ଷ ରାସ୍ତାରେ ରଡ୍ ଖୋଲାରେ ଛାଡ଼ି ଦେଇଥିବା ଦେଖିବାକୁ ମିଳିଛି। ଗୁରୁତ୍ୱପୂର୍ଣ୍ଣ ତଥା ଜନଗହଳିପୂର୍ଣ୍ଣ ରାସ୍ତାକୁ ଯୁଦ୍ଧକାଳୀନ ଭିତ୍ତିରେ କରି ଜନସାଧାରଣଙ୍କ ଉପଯୋଗୀ କରିବା ବଦଳରେ ବିଭାଗୀୟ କର୍ତ୍ତୃପକ୍ଷ ଖାମଖିଆଲି ମନୋଭାବ ପୋଷଣ କରୁଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ କରିବା ଠାରୁ ଆରମ୍ଭ କରି ପ୍ରଶାସନକୁ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷଙ୍କ ଉପରେ କୌଣସି ପ୍ରଭାବ ପଡୁନଥିବା ଜଣାପଡ଼ିଛି। ତେଣୁ ଏଭଳି ସ୍ଥିତିରେ ପୂର୍ତ୍ତ ବିଭାଗ ସଜାଗ ହୋଇ ତୁରନ୍ତ ଏ ଦିଗରେ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ସହରବାସୀ ଆନ୍ଦୋଳନ କରିବାର ଯଥେଷ୍ଟ ସମ୍ଭାବନା ରହିଛି।

## 'ସକାଳ' ପ୍ରଭାବ: ମିଳିଲା ହରିଶ୍ଚନ୍ଦ୍ର ସହାୟତା

ଦୋଳସାହି,୪।୬(ସମିସ): ସରକାରଙ୍କ ପକ୍ଷରୁ ଶବ ସଂସ୍କାର ନିମନ୍ତେ ମିଳୁଥିବା ସରକାରୀ ସହାୟତା ଦୀର୍ଘ ୮ ମାସ ଧରି ଗୁଆମାଳ ପଞ୍ଚାୟତରେ ମିଳୁ ନ ଥିବା ନେଇ ଦୈନିକ "ସକାଳ"ରେ ଖବର ପ୍ରକାଶ ପାଇଥିଲା। ତିହିଡ଼ି ବ୍ଲକ୍ ପ୍ରଶାସନ ପକ୍ଷରୁ ବୁଧବାର ଏହି ସହାୟତା ଅର୍ଥ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଗୁଆମାଳ ପଞ୍ଚାୟତରେ ଗତ ୮ ମାସ ଧରି ୨୫ ଜଣଙ୍କୁ ହରିଶ୍ଚନ୍ଦ୍ର ସହାୟତା ଅର୍ଥ ମିଳୁ ନ ଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଅଭିଯୋଗ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ତିହିଡ଼ି ବିଡିଓ ନିରଞ୍ଜନ ବାରିକ ଅବଗତ ହୋଇଥିଲେ। ବିଡିଓଙ୍କ ନିର୍ଦ୍ଦେଶ କ୍ରମେ ଗୁଆମାଳ ପଞ୍ଚାୟତ ଅଧିକାରୀ ଅରୁଣ କୁମାର ପଣ୍ଡା ଏହି ସହାୟତା ଅର୍ଥ ପ୍ରଦାନ କରିଥିବା ଜଣାଯାଇଛି।

## ପୂଜ୍ୟପୂଜା ସଂସଦ ମେଧା ଆୱାର୍ଡ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି

ଧୂଷୁରୀ,୪।୬(ସମିସ): ପୂଜ୍ୟପୂଜା ସଂସଦ ଧୂଷୁରୀ ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ପୂଜ୍ୟପୂଜା ମେଧା ଆୱାର୍ଡ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ ସଂସଦ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଧାମନଗର ବ୍ଲକ୍‌ରେ ଚଳିତ ବର୍ଷ ୧୦ମ ଶ୍ରେଣୀ ପରୀକ୍ଷାରେ ଏ-୧ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କ ସହିତ ତାଙ୍କ ଅଭିଭାବକ ଓ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ବରିଷ୍ଠ ଶିକ୍ଷାବିତ୍ ତଥା ପୂଜ୍ୟପୂଜା ସଂସଦର ସ୍ଥାୟୀ ସଭାପତି ବାବାଜୀ ଚରଣ ପଣ୍ଡାଙ୍କ ସଭାପତିତ୍ୱରେ ସଂସଦର ପ୍ରତିଷ୍ଠାତା ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ ନାୟକ, ସଂସଦର ସମ୍ପାଦକ ଅକ୍ଷୟ ହୋତା, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ରମାକାନ୍ତ ପରିଡ଼ା, ଦୟାନିଧି ମିଶ୍ର, ଡ. ଗିରିଶ ଚନ୍ଦ୍ର ନାୟକ, ବିଜୟ ନାରାୟଣ ମିଶ୍ର, ଅନିଲ ଦାସ, ନରେନ୍ଦ୍ର ନାରାୟଣ ନାୟକ, ପୂର୍ଣ୍ଣ ଚନ୍ଦ୍ର ନାୟକ, ଉମେଶ ତ୍ରିପାଠୀ, ରତ୍ନାକର ବେହୁରିଆ, ସୁରେନ୍ଦ୍ର ରାଉତ, ବ୍ରଜେନ୍ଦ୍ର ମହାନ୍ତି, ଅମୂଲ୍ୟ ସାଏନ୍ତ, ଜଗଦାନନ୍ଦ ସେଠୀ, ରାଜେନ୍ଦ୍ର ପଲାଇ, ବିଜୟ ସାହୁ, ରଘୁନାଥ ସ୍ୱାଇଁ, ସାନ୍ତନୁ ପଲାଇ ପ୍ରମୁଖ ଯୋଗଦେଇ ଆଲୋଚନାରେ ନିଜ ନିଜର ବକ୍ତବ୍ୟ ରଖିଥିଲେ।

## 'ମୋ ଗାଁ ମୋ ତହସିଲ୍' ଅନ୍ତର୍ଗତ ରାଜସ୍ୱ ମହାସମାଧାନ ଶିବିର

ବନ୍ତ/ଆଗରପଡ଼ା,୪।୬(ସମିସ): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ରାଜ୍ୟ ସରକାରଙ୍କ ପକ୍ଷରୁ 'ମୋ ଗାଁ ମୋ ତହସିଲ୍' କାର୍ଯ୍ୟକ୍ରମ ଅନ୍ତର୍ଗତ ବନ୍ତ ତହସିଲ୍ ଅଧୀନ ଛତ୍ୟାଳସିଂହ ଗ୍ରାମ ପଞ୍ଚାୟତରେ ଏକ ରାଜସ୍ୱ ମହାସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜନସାଧାରଣଙ୍କୁ ବିଭିନ୍ନ ରାଜସ୍ୱ ସେବା ଯୋଗାଇ ଦିଆଯାଇଥିଲା। ଆର୍‌ଓଆର୍‌ର ୨ ଖାନା ସଂଶୋଧନ ପାଇଁ ଦରଖାସ୍ତ ଗ୍ରହଣ, ସଂଶୋଧିତ ନୂତନ ପଟ୍ଟା ବଣ୍ଟନ, ବସୁନ୍ଧରା ଯୋଜନା ଅଧୀନରେ ଆବେଦନ ଗ୍ରହଣ, ବିଭିନ୍ନ ରାଜସ୍ୱ ସମ୍ବନ୍ଧୀୟ ଅଭିଯୋଗ ଗ୍ରହଣ ଓ ତାହାର ସମାଧାନ କରାଯାଇଥିଲା। ଏହା ସହିତ ଜମିଜମା ସମ୍ବନ୍ଧୀୟ ବିବାଦ, ରାଜସ୍ୱ ମାମଲା ଏବଂ ଅନ୍ୟାନ୍ୟ ଆବେଦନଗୁଡ଼ିକର ଶୁଣାଣି କରାଯାଇ ସମ୍ଭବପର ସ୍ଥଳେ ତୁରନ୍ତ ସମାଧାନ କରାଯାଇଥିଲା। ଶିବିରରେ ବହୁ ସଂଖ୍ୟକ ଲୋକ ଯୋଗଦେଇ ସରକାରଙ୍କ ବିଭିନ୍ନ ରାଜସ୍ୱ ସେବାର ସୁବିଧା ଗ୍ରହଣ କରିଥିଲେ। ସରକାରଙ୍କ ଏହି ଜନମୁଖୀ ପଦକ୍ଷେପ ମାଧ୍ୟମରେ ରାଜସ୍ୱ ସେବାକୁ ଗ୍ରାମାଞ୍ଚଳର ଲୋକଙ୍କ ଦ୍ୱାରପ୍ରାନ୍ତରେ ପହଞ୍ଚାଇବା ସହ ସେମାନଙ୍କ ସମସ୍ୟାର ଶୀଘ୍ର ସମାଧାନ କରାଯାଉଥିବା ବନ୍ତ ତହସିଲ ପକ୍ଷରୁ ପ୍ରକାଶ କରାଯାଇଛି।

## ଗ୍ରୀଷ୍ମକାଳୀନ ଶିକ୍ଷକ ପ୍ରଶିକ୍ଷଣ ଶିବିର



ଭଣ୍ଡାରିପୋଖରୀ,୪।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍‌ର ସ୍ଥାନୀୟ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଶାରଦା ବିଦ୍ୟାମନ୍ଦିର ସଭାକକ୍ଷରେ ୬ ଦିନବ୍ୟାପୀ ଶିକ୍ଷକ ପ୍ରଶିକ୍ଷଣ ଶିବିର ବିଦ୍ୟାଳୟର ପ୍ରଧାନ ଗୁରୁଜୀ ଶରତ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରର ପ୍ରଥମ ଦିବସର ବରିଷ୍ଠ ଅବସରପ୍ରାପ୍ତ ଶିକ୍ଷକ ବିଶ୍ୱମ୍ଭର ନାଥ ଯୋଗଦେଇ ପ୍ରଦୀପପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସରେ କେନ୍ଦୁଝରର ମୁଖ୍ୟମନ୍ତ୍ରୀ ଶିକ୍ଷା ସମ୍ମାନପ୍ରାପ୍ତ ଶିକ୍ଷକ କ୍ଷମାକର ବେହେରା ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ମୌଳିକ ସ୍ତର, ପ୍ରସ୍ତୁତି ସ୍ତର ତଥା ମଧ୍ୟମ ସ୍ତରର ଶ୍ରେଣୀମାନଙ୍କରେ କିପରି ଇଂରାଜୀ ସହଜ ଓ ସାବଲୀଳ ଢଙ୍ଗରେ ଶିକ୍ଷାଦାନ କରିଯିବ ତାହାର କୌଶଳ ସମ୍ପର୍କରେ ଆଲୋଚନା କରିଥିଲେ। ଦ୍ୱିତୀୟ ଦିବସରେ ହାଟଡିହି ବ୍ଲକ୍‌ର ସମ୍ବଳ ବ୍ୟକ୍ତି ଶିକ୍ଷକ ନିରାକାର ଜେନା ଯୋଗଦେଇ ଶିକ୍ଷଣ କାର୍ଯ୍ୟରେ ଶିକ୍ଷଣ ସାମଗ୍ରୀର ଆବଶ୍ୟକତା ଓ ଏହାର ନିର୍ମାଣଶୈଳୀ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଶିକ୍ଷାର୍ଥୀମାନେ ବହୁ ଶିକ୍ଷଣ ସାମଗ୍ରୀ ମଧ୍ୟ ନିଜେ ତିଆରି କରିଥିଲେ। ତୃତୀୟ ଦିବସରେ ଭଦ୍ରକ ଜିଲ୍ଲା ଶିକ୍ଷା ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ପ୍ରଫୁଲ୍ଲ କୁମାର ଗୋଚ୍ଛାୟତ ଯୋଗଦେଇ ଭାଷା ଶିକ୍ଷଣର କଳା କୌଶଳ ସହିତ ନୂତନ ପାଠ୍ୟକ୍ରମର ରୂପରେଖ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିବାବେଳେ ଚତୁର୍ଥ ଦିବସରେ ଯାଜପୁରର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଡ. ଆଶୁତୋଷ ବଳ ଯୋଗଦେଇ ମାଧ୍ୟମିକସ୍ତରରେ ଗଣିତ ଶିକ୍ଷାର ଦକ୍ଷତା ବିଷୟରେ ଆଲୋଚନା କରିଥିଲେ। ଶେଷ ଦୁଇ ଦିବସରେ ପ୍ରଶିକ୍ଷାର୍ଥୀମାନେ ଶିକ୍ଷା କୌଶଳ ପ୍ରଦର୍ଶନ କରିଥିଲେ। ବିଭିନ୍ନ ଦିବସରେ ପ୍ରାଚୀର ପତ୍ରିକା ଜ୍ଞାନ ବୃକ୍ଷ, ପଲ୍ଲୀ ପରିକ୍ରମା, ଶିକ୍ଷା ହିଁ ଶକ୍ତି, ସା ବିଦ୍ୟା ଯା ବିମୁକ୍ତୟେ, ବିଦ୍ୟା ଦଦାତି ବିନୟମ୍ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ବରିଷ୍ଠ ଗୁରୁଜୀ ସୁଶାନ୍ତ ସେନାପତି ଆଭିମୁଖ୍ୟ ପ୍ରଦାନ କରିଥିବାବେଳେ, କବି ପବନ ନାୟକ ପ୍ରଶିକ୍ଷକଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ୩୫ ଜଣ ଗୁରୁମା' ଓ ଗୁରୁଜୀ ପ୍ରଶିକ୍ଷଣ ନେଇଥିଲେ।

### 'ବିଧାୟକ ମେଧା ସମ୍ମାନ-୨୦୨୬' ପ୍ରଦାନ ଉତ୍ସବ

# ଶିକ୍ଷାର ବିକାଶ ପାଇଁ ଗୋଷ୍ଠୀଗତ ଭାଗିଦାରୀ ଉପରେ ମନ୍ତ୍ରୀଙ୍କ ଗୁରୁତ୍ୱ

ଦୋବଲ,୪।୬(ସମିସ)



ଧାମନଗର ମହାବିଦ୍ୟାଳୟରେ ଗୁରୁବାର ଚଳିତ ବର୍ଷର ସ୍ୱତନ୍ତ୍ର 'ବିଧାୟକ ମେଧା ସମ୍ମାନ-୨୦୨୬' ପ୍ରଦାନ କରାଯାଇଛି। ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବ୍ୟକ୍ତିଗତ ଉଦ୍ୟମ ଓ ନିଜ ହାତ ପାଣ୍ଠି ଅନୁଦାନରେ ସାରା ଓଡ଼ିଶାରେ ପ୍ରଥମ ଥର ପାଇଁ ଏଭଳି ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ଶିକ୍ଷକମାନଙ୍କ ସହଯୋଗ ଓ ବଳିଷ୍ଠ ନେତୃତ୍ୱ ଯୋଗୁଁ ମାତ୍ର ୬ ମାସ ମଧ୍ୟରେ ସମଗ୍ର ଅଞ୍ଚଳର ଶିକ୍ଷା କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନ ଦେଖିବାକୁ ମିଳିଛି। ଶିକ୍ଷାର ଉତ୍ତରୋତ୍ତର ବିକାଶ ଲାଗି ମନ୍ତ୍ରୀ ଏହି ଅବସରରେ ଗୋଷ୍ଠୀଗତ ଭାଗିଦାରୀକୁ ପ୍ରୋତ୍ସାହନ ଦେବାକୁ ଆହ୍ୱାନ ଦେଇଛନ୍ତି। ଏଥିସହ ଆଗାମୀ ଦିନରେ ସ୍କୁଲ କ୍ୟାମ୍ପସ୍‌ଗୁଡ଼ିକୁ ସ୍ମାର୍ଟ ସ୍କୁଲରେ ରୂପାନ୍ତରିତ କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି। ଏହି ସାରସ୍ୱତ ସମାରୋହରେ ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ମୋଟ୍ ୧୩ ଜଣ ଏ-୧ ଗ୍ରେଡ୍ ଛାତ୍ରଛାତ୍ରୀଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଛି। ଏଥିସହିତ ଦେଶବନ୍ଧୁ ନୋଡାଲ ଉଚ୍ଚ ପ୍ରାଥମିକ ସ୍କୁଲର 'ସୁରଭି' ରାଜ୍ୟସ୍ତରୀୟ ପୁରସ୍କାରପ୍ରାପ୍ତ କୃତୀ ଛାତ୍ର ସୌମ୍ୟରଞ୍ଜନ ସାମଲ ଏବଂ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଞ୍ଚଳ ପାଇଁ ଗୌରବ ଆଣିଥିବା ତିହିଡ଼ି ବ୍ଲକ୍ ଦୋଳସାହିସ୍ଥିତ ରାମନାରାୟଣ ଉଚ୍ଚ ବିଦ୍ୟାଳୟର ଛାତ୍ର ଚନ୍ଦନ ଜେନାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଛି। କୃତୀ ସଂସଦର ସମସ୍ତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ପାଇଁ ମାନପତ୍ର, ଟ୍ରଫି ସହ ପ୍ରତ୍ୟେକଙ୍କୁ ୫ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ସେହିପରି ଅନୁଷ୍ଠାନଗୁଡ଼ିକ ମଧ୍ୟରୁ ଚଳିତ ବର୍ଷ ସମସ୍ତ କ୍ଷେତ୍ରରେ ଉତ୍କୃଷ୍ଟ ଓ ସର୍ବାଙ୍ଗିଣ ପ୍ରଦର୍ଶନ କରି ମହତାବନଗରସ୍ଥିତ ବାପୁଜୀ ନୋଡାଲ ଉଚ୍ଚ ବିଦ୍ୟାଳୟ 'ବେଷ୍ଟ ପର୍‌ଫର୍ମିଂ ସ୍କୁଲ' ବା ସର୍ବଶ୍ରେଷ୍ଠ ବିଦ୍ୟାଳୟ ଭାବେ ବିବେଚିତ ହୋଇ ପୁରସ୍କୃତ ହୋଇଛି। ବିଦ୍ୟାଳୟସ୍ତରୀୟ ପରିଚାଳନା କ୍ଷେତ୍ରରେ ନିଜ ନିଜ ସ୍କୁଲରୁ ସର୍ବାଧିକ ଛାତ୍ରଛାତ୍ରୀ ଏ-୧ ଗ୍ରେଡ୍ ହାସଲ କରାଇ ସୁନାମ ଆଣିଥିବାରୁ ସହିଦନଗରର ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରିୟତମା ପାଣିଗ୍ରାହୀ ଏବଂ ବାପୁଜୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୁପ୍ତେଶ୍ୱର ସିଂହଙ୍କୁ ସମ୍ମାନଜନକ ପୁରସ୍କାର ସ୍ୱରୂପ ୧୦ ହଜାର ଟଙ୍କାର ଚେକ୍, ଟ୍ରଫି ଓ ପ୍ରଶଂସା ପତ୍ର ପ୍ରଦାନ ପୂର୍ବକ ଉଚ୍ଚ ପ୍ରଶଂସିତ କରାଯାଇଛି।

ଅନ୍ୟପକ୍ଷରେ, ଶିକ୍ଷାର୍ଥୀଙ୍କ ମଧ୍ୟରେ ଡ୍ରପ୍‌ଆଉଟ୍ (ସ୍କୁଲ୍ ଛାଡ଼ିବା ହାର) ହ୍ରାସ କରିବାରେ ଉଲ୍ଲେଖନୀୟ ଏବଂ ଆଦର୍ଶ ସଫଳତା ପାଇଁ ଇନ୍ଦ୍ରଗୋବିନ୍ଦ ସରକାରୀ ଉଚ୍ଚ ମାଧ୍ୟମିକ ସ୍କୁଲକୁ ଭିତ୍ତିଭୂମିର ଅଧିକ ବିକାଶ ଲାଗି ବିଧାୟକଙ୍କ ହାତପାଣ୍ଠିରୁ ୧୫ ଲକ୍ଷ ଟଙ୍କାର ଅନୁଦାନ ରାଶି ଘୋଷଣା କରାଯାଇଛି। ଏହା ସହିତ ଏହି ବିଦ୍ୟାଳୟର ସଫଳ ଅଧ୍ୟକ୍ଷ ଖଗେଶ୍ୱର ଜେନାଙ୍କୁ 'ଡ୍ରପ୍ ଆଉଟ୍ ରିଡକ୍ସନ୍ ଆୱାର୍ଡ' ରୂପେ ୧୦ହଜାର ଟଙ୍କାର ଚେକ୍, ଟ୍ରଫି ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି। ସେହିପରି ଚଳିତ ଶିକ୍ଷାବର୍ଷରେ ଛାତ୍ରଛାତ୍ରୀଙ୍କ ନାମଲେଖା ହାର ଅଭିବୃଦ୍ଧି କ୍ଷେତ୍ରରେ ଅଭୂତପୂର୍ବ ସଫଳତା ଓ ଶିକ୍ଷା ପ୍ରତି ଅତୁଳନୀୟ ସମର୍ପଣ ପାଇଁ ଦହପାଣିଆ ସରକାରୀ ଉଚ୍ଚ ବିଦ୍ୟାଳୟକୁ ମଧ୍ୟ ବିଧାୟକଙ୍କ ହାତପାଣ୍ଠିରୁ ୧୫ ଲକ୍ଷ ଟଙ୍କାର ଚେକ୍, ଟ୍ରଫି ଓ ପ୍ରଶଂସାପତ୍ର ଏବଂ ଏହାର ଦକ୍ଷ ପ୍ରଧାନଶିକ୍ଷକ କାଳୀପଦ ଦାସଙ୍କୁ 'ଏନ୍‌ରୋଲ୍‌ମେଣ୍ଟ ଇନ୍‌କ୍ରିଜ୍ ଆୱାର୍ଡ' ସ୍ୱରୂପ ୧୦ ହଜାର ଟଙ୍କାର ଚେକ୍, ଟ୍ରଫି ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି। ଏହି ଉଚ୍ଚସ୍ତରୀୟ ସମ୍ମାନ ପ୍ରଦାନ ଉତ୍ସବରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ ଓ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶାର ପ୍ରଥମ ମଡେଲ୍ ସୌର ଗାଁ ଭାବେ ନଦୀଗାଁ ଘୋଷିତ



ଧାମନଗର,୪।୬(ସମିସ): 'ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର: ମାଗଣା ବିଜୁଳି ଯୋଜନା' ଅନ୍ତର୍ଗତ ମଡେଲ୍ ସୌର ଗ୍ରାମ (ଏମ୍‌ଏସ୍‌ଭି) କାର୍ଯ୍ୟକ୍ରମ ଅବସରରେ ଗୁରୁବାର ଧାମନଗର ବ୍ଲକ୍ କାର୍ଯ୍ୟାଳୟଠାରେ ଏକ ଜିଲ୍ଲାସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଧାମନଗର ନିର୍ବାଚନମଣ୍ଡଳୀର ନଦୀଗାଁକୁ ଓଡ଼ିଶାର ପ୍ରଥମ ମଡେଲ୍ ସୌର ଗ୍ରାମ ଭାବେ ଘୋଷଣା କରିଥିଲେ। ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ନଦୀଗାଁ ସରପଞ୍ଚ ଝରଣା ମାଝୀ, ଟିପିଏନ୍‌ଓଡିଏଲ୍‌ର ମୁଖ୍ୟ ଯନ୍ତ୍ରୀ (ସୋଲାରାଇଜେସନ୍) ରାଜୀବ ନାୟକ, ଅଧୀକ୍ଷଣ ଯନ୍ତ୍ରୀ ଭୂପେନ୍ଦ୍ର ନାଥ ସାହୁ ଏବଂ ଓରେଡା ଲିମିଟେଡ୍‌ର ସହକାରୀ ନିର୍ଦ୍ଦେଶକ (ବୈଷୟିକ) ଅସୀମା ଅରୁଣିମା ପ୍ରମୁଖ ଉପସ୍ଥିତ ଥିଲେ। ମଡେଲ୍ ସୌର ଗ୍ରାମ ଯୋଜନା ହେଉଛି ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନାର ଏକ ପ୍ରମୁଖ ପଦକ୍ଷେପ, ଯାହାର ଲକ୍ଷ୍ୟ ସୌର ଶକ୍ତି ଆଧାରିତ ଗ୍ରାମୀଣ ବିକାଶକୁ ପ୍ରୋତ୍ସାହିତ କରିବା। ଏହା ମାଧ୍ୟମରେ ଦେଶର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଆଦର୍ଶ ସୌର ଗ୍ରାମ ଗଢ଼ି ତୋଳାଯିବ। ଏହି ଯୋଜନାର କାର୍ଯ୍ୟାନ୍ୱୟନ ଓ ତଦାରଖ ପାଇଁ ଜିଲ୍ଲାପାଳଙ୍କ ସଭାପତିତ୍ୱରେ ଏକ ଜିଲ୍ଲାସ୍ତରୀୟ କମିଟି ଗଠନ କରାଯାଇଥିଲା। ଗତ ୩ ମାସ ଧରି ଭଦ୍ରକ ଜିଲ୍ଲାର ୫ ହଜାରରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ୧୨ଟି ଗ୍ରାମରେ ସୌର ପ୍ରକଳ୍ପ ସ୍ଥାପନ ସମ୍ପର୍କିତ ଆକଳନ କରାଯାଇଥିଲା। ଏଥିରେ ନଦୀଗାଁ ଗ୍ରାମ ୧୧୯ କିଲୋୱାଟ୍ ସୌର କ୍ଷମତା ସ୍ଥାପନ କରି ପ୍ରଥମ ସ୍ଥାନ ଅଧିକାର କରିଛି। ଏହି ସଫଳତା ଆଧାରରେ କେନ୍ଦ୍ର ସରକାରଙ୍କ ଅନୁମୋଦନ ଓ ଅନୁଦାନ ସହାୟତାରେ ଗ୍ରାମର ବିଭିନ୍ନ ସାର୍ବଜନୀନ ସ୍ଥାନରେ ସୌର ଭିତ୍ତିକ ପ୍ରକଳ୍ପ ସ୍ଥାପନ କରାଯିବ। ଗ୍ରାମର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓରେଡା ଲିମିଟେଡ୍ ମାଧ୍ୟମରେ ସୌର ଷ୍ଟ୍ରିଟ୍‌ଲାଇଟ୍, ସୌର ଜଳ ଯୋଗାଣ ବ୍ୟବସ୍ଥା, ସୌର ଶୀତତାପ ନିୟନ୍ତ୍ରିତ ସଂରକ୍ଷଣ କୋଠରି ସହ ଅନ୍ୟାନ୍ୟ ସୌରଚାଳିତ ଭିତ୍ତିଭୂମି ପ୍ରକଳ୍ପ ସ୍ଥାପନ କରାଯିବ। ନଦୀଗାଁ ଗ୍ରାମରେ ସୋଲାରାଇଜେସନ୍ ପାଇଁ ମୋଟ ୧୯୫ଟି ପରିବାର ଯୋଗ୍ୟ ଥିବାବେଳେ ୧୧୫ଟି ପରିବାରରେ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି। ଅବଶିଷ୍ଟ ୮୦ଟି ପରିବାରକୁ ଶୀଘ୍ର ସୋଲାରାଇଜେସନ୍ ସମ୍ପନ୍ନ କରିବାକୁ ମନ୍ତ୍ରୀ ସରପଞ୍ଚଙ୍କ ଉପସ୍ଥିତିରେ ଉତ୍ସାହିତ କରିଛନ୍ତି। ସୋଲାରାଇଜେସନ୍‌କୁ ଅଧିକ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଟିପିଏନ୍‌ଓଡିଏଲ୍ ପକ୍ଷରୁ ଧାମନଗର ବ୍ଲକ୍ କାର୍ଯ୍ୟାଳୟରେ ଏକ ସ୍ପଟ୍ ରେଜିଷ୍ଟ୍ରେସନ୍ ଡେସ୍କ ମଧ୍ୟ ଖୋଲାଯାଇଥିଲା, ଯେଉଁଠାରେ ଲୋକମାନେ ସିଧାସଳଖ ପଞ୍ଜୀକରଣ କରି ଯୋଜନାର ସୁବିଧା ପାଇପାରିବେ।

## ମରାମତି ହେଲା ସୁରକ୍ଷା ପାଚେରିର ଫଟା କାନ୍ଥ




ବନ୍ତ/ଆଗରପଡ଼ା,୪।୬(ସମିସ): ଗତ ମେ' ୨୨ ତାରିଖ 'ନିର୍ମାଣକୁ ୨ ମାସ ନ ପୂରୁଣୁ କାନ୍ଥ ଫାଟି ଆଁ' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ଇତି ମଧ୍ୟରେ ବିଭାଗ ପକ୍ଷରୁ ଫଟା କାନ୍ଥର ମରାମତି କାର୍ଯ୍ୟ କରାଯାଇଥିବା ଜଣାପଡ଼ିଛି। ଜାନୁଆରୀ ୧୮ ତାରିଖରେ 'ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର; ବାରମ୍ବାର ଅଭିଯୋଗ ପରେବି କାର୍ଯ୍ୟାନୁଷ୍ଠାନ ଶୂନ୍' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ଗତ ମାର୍ଚ୍ଚ ମାସରେ ବନ୍ତ ବ୍ଲକ୍ ମଙ୍ଗୁଲିସ୍ଥିତ ବ୍ରାହ୍ମଣସାହିରେ ବିପଦସଙ୍କୁଳ ଅବସ୍ଥାରେ ଥିବା ୬୩ କେଭି ବିଦ୍ୟୁତ୍ ସବ୍‌ଷ୍ଟେସନଟିର ମରାମତି କରାଯିବା ସହ ଏହାର ଚାରିପାଖରେ ସୁରକ୍ଷା ପାଚେରି ନିର୍ମାଣ କରାଯାଇଥିଲା। କିନ୍ତୁ ନିର୍ମାଣକୁ ୨ ମାସ ନ ପୂରୁଣୁ ସୁରକ୍ଷା ପାଚେରିର ବିଭିନ୍ନ ସ୍ଥାନ ଫାଟିବା ଆରମ୍ଭ କରିଥିବା ଦେଖିବାକୁ ମିଳିଥିଲା। ଯାହାକି ପାଚେରିର ସ୍ଥାୟିତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିବା ସହିତ ବିଭାଗର ଏପରି କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିଥିଲା। ତେଣୁ ପାଚେରିଟି ନଷ୍ଟ ହେବା ଆଗରୁ ବିଭାଗ ପକ୍ଷରୁ ତୁରନ୍ତ ଏହାର ମରାମତି କରିବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଥିଲା। ବନ୍ତ ବ୍ଲକ୍ ମଙ୍ଗୁଲିସ୍ଥିତ ବ୍ରାହ୍ମଣସାହିରେ ଥିବା ୬୩ କେଭି ବିଦ୍ୟୁତ୍ ସବ୍‌ଷ୍ଟେସନଟି ବିପଦସଙ୍କୁଳ ଅବସ୍ଥାରେ ରହିଥିଲା। ବହୁ ବର୍ଷ ପୂର୍ବେ ଏକ ସିମେଣ୍ଟ ଖୁଣ୍ଟିରେ ଏହା ତିଆରି ହୋଇଥିଲା। ବର୍ଷା, ପବନରେ ଷ୍ଟ୍ରକ୍‌ଚରଟି ଦୋହଲୁଥିବାରୁ ଜନଜୀବନ ପ୍ରତି ବିପଦ ରହୁଥିଲା। ଏହାର ଏୟାର ବ୍ରେକ୍ ସୁଇଚ୍ ଠିକ୍ ଭାବେ କାର୍ଯ୍ୟ କରୁ ନ ଥିଲା। ବହୁ ସମୟରେ ଉପଭୋକ୍ତା ବିଜୁଳି ପାଇବାରୁ ବଞ୍ଚିତ ହେଉଥିଲେ। ଏହି ସବ୍‌ଷ୍ଟେସନଟି ଢଳି ରହିଥିବାରୁ କର୍ମଚାରୀଙ୍କ ସହ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଆସୁଥିଲେ। ପୁରୁଣା ସିମେଣ୍ଟ ଖୁଣ୍ଟକୁ ପରିବର୍ତ୍ତନ କରି ଲୁହା ଖୁଣ୍ଟ ବସାଇବା ସହ ଏବି ସୁଇଚ୍ ମରାମତି କରିବା ଓ ତାର ଚାରିପାଖରେ ସୁରକ୍ଷା ପାଚେରି ନିର୍ମାଣ କରିବା ଲାଗି ଗ୍ରାମବାସୀ ତଥା ବହୁ ଉପଭୋକ୍ତା ବାଲେଶ୍ୱର ଟିପିଏନ୍‌ଓଡିଏଲ୍ ପରିଚାଳନା ନିର୍ଦ୍ଦେଶକ, ଭଦ୍ରକ ଅଧୀକ୍ଷଣ ଯନ୍ତ୍ରୀ ଓ ବନ୍ତ ସହକାରୀ କାର୍ଯ୍ୟନିର୍ବାହୀ ପରିଚାଳକଙ୍କଠାରେ ଲିଖିତ ଅଭିଯୋଗ କରିଥିଲେ।

## ସ୍ୱାସ୍ଥ୍ୟକେନ୍ଦ୍ର ଓ ସହିଦ ଷ୍ଟାଡିୟମର ଭିତ୍ତିପ୍ରସ୍ତର ସ୍ଥାପନ

ଅସୁରାଳି/ଧୂଷୁରୀ,୪।୬(ସମିସ): ଧାମନଗର ଅଳବାସୀଙ୍କ ଦୀର୍ଘଦିନର ଦାବିକୁ ପୂରଣ କରି କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଧାମନଗରଠାରେ ଏକ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଏକ ଆଧୁନିକ ସହିଦ ଷ୍ଟାଡିୟମର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସେହିପରି ଧାମନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମହତାବନଗର (ବେତାଳିଗାଁ)ଠାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ଯେ, ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ଦ୍ୱାରା ହିଁ ଏକ ସୁସ୍ଥ ଓ ପ୍ରଗତିଶୀଳ ସମାଜ ଗଠନ ସମ୍ଭବ। ଏହି ଆଧୁନିକ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ନିର୍ମାଣ ଦ୍ୱାରା ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କୁ ଚିକିତ୍ସା ସେବା ପାଇଁ ଆଉ ଦୂରକୁ ଯିବାକୁ ପଡ଼ିବ ନାହିଁ ଏବଂ ସେମାନେ ନିକଟରେ ହିଁ ଉନ୍ନତ ଚିକିତ୍ସା ସୁବିଧା ପାଇପାରିବେ। ଧାମନଗରର ପ୍ରତିଟି ନାଗରିକଙ୍କ ସୁରକ୍ଷା ଓ ସେବା ପାଇଁ ସରକାରଙ୍କ ଏହି ପ୍ରୟାସ ନିରନ୍ତର ଜାରି ରହିବ। ଏହି କାର୍ଯ୍ୟକ୍ରମରେ ଅଶୋକ ପୁହାଣ, ଅନ୍ତର୍ଯ୍ୟାମୀ ପତି, ଚତୁର୍ଭୁଜ ନାୟକ, ସ୍ଥାନୀୟ ସରପଞ୍ଚ ଅଜୟ ମଲ୍ଲିକ, ରଞ୍ଜନ ମହାନ୍ତି, ଗୋବର୍ଦ୍ଧନ ମଲ୍ଲିକ, ସୁଶାନ୍ତ ନାୟକ, ହରିହର ସାହୁ, ଦୀପକ ମହାନ୍ତି, ପ୍ରକାଶ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଗ୍ରାମାଞ୍ଚଳର କ୍ରୀଡ଼ା ପ୍ରତିଭାମାନଙ୍କୁ ଆଗକୁ ବଢ଼ିବା ପାଇଁ ଉପଯୁକ୍ତ ସୁଯୋଗ ଓ ଭିତ୍ତିଭୂମି ଯୋଗାଇଦେବା ଲକ୍ଷ୍ୟରେ ଧାମନଗର ନିର୍ବାଚନମଣ୍ଡଳୀର ଅସୁରାଳିଠାରେ ବହୁ ପ୍ରତୀକ୍ଷିତ ସହିଦ ଷ୍ଟାଡିୟମ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମନ୍ତ୍ରୀ। ଏହି ଅବସରରେ ମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ, ସରକାରଙ୍କ "ପଢ଼ିଆରୁ ପୋଡିୟମ୍' ନାରାକୁ ବାସ୍ତବ ରୂପ ଦେଇ ଧାମନଗରରୁ ରାଜ୍ୟ ତଥା ଜାତୀୟସ୍ତରର ଚାମ୍ପିଅନ ସୃଷ୍ଟି କରିବା ଦିଗରେ ଏହି ପ୍ରୟାସ ଜାରି ରହିବ। ଏହି ଆଧୁନିକ ଷ୍ଟାଡିୟମ ନିର୍ମାଣ ଦ୍ୱାରା ସ୍ଥାନୀୟ ଅଞ୍ଚଳର କୃତୀ କ୍ରୀଡ଼ାବିତ୍ ଓ ଯୁବପିଢ଼ି ନିଜ ପ୍ରତିଭାର ବିକାଶ କରିବା ସହ ଖେଳିବାର ଉତ୍ତମ ସୁଯୋଗ ପାଇପାରିବେ। ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ସାଂସଦଙ୍କ ପ୍ରତିନିଧି ମନୋଜ ମଲ୍ଲିକ, ବିଡିଓ ବନବିହାରୀ ଧଳ, ସ୍ଥାନୀୟ ସରପଞ୍ଚ ମୀନତି ସାହୁ, ହରିହର ପାତ୍ର ଏବଂ ଯନ୍ତ୍ରୀ ନବଘନ ମାରାଣ୍ଡି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।



## ହାଇଲେବୁଲ କେନାଲ ବ୍ରିଜ୍‌ର ରକ୍ଷଣାବେକ୍ଷଣ ଦାୟିତ୍ୱ କାହାର

ଭଣ୍ଡାରିପୋଖରୀ,୪।୬(ସମିସ): ଆଖୁଆପଦା ଜଳସମ୍ପଦ ବିଭାଗ ଅଧୀନରେ ଥିବା ବୈତରଣୀ ନଦୀରେ ସଂଯୋଗ ହୋଇଥିବା ହାଇଲେବୁଲ କେନାଲଟି ଆଖୁଆପଦା ଆନିକଟ ଜଗନ୍ନାଥ ପ୍ରସାଦ ନିକଟରୁ ଆରମ୍ଭ ହୋଇ ଭଣ୍ଡାରିପୋଖରୀ ପର୍ଯ୍ୟନ୍ତ ଅବସ୍ଥିତ କେନାଲ ଉପରେ ଥିବା ବ୍ରିଜ୍‌ଗୁଡ଼ିକର ଜଳସମ୍ପଦ ବିଭାଗର ରକ୍ଷଣାବେକ୍ଷଣ ଦାୟିତ୍ୱ ଅବହେଳାକୁ ନେଇ ସାଧାରଣରେ ଚିନ୍ତାର ବିଷୟ ପାଲଟିଛି। ଜଗନ୍ନାଥ ପ୍ରସାଦ ନିକଟସ୍ଥ ବ୍ରିଜ୍‌ର ଉଭୟ ପାର୍ଶ୍ୱ ବାଡ଼ାଗୁଡ଼ିକ ନଷ୍ଟ ହୋଇଯାଇଥିବା ହେତୁ ଖରା ଦିନେ ଗୋରୁଗାଈମାନେ ବ୍ରିଜ୍ ଉପରୁ ତଳକୁ ଖସି ପଡ଼ି କ୍ଷତିଗ୍ରସ୍ତ ହେଉଛନ୍ତି। ବ୍ରିଜ୍‌ଟି ବହୁ ପୁରାତନ ହୋଇଥିବା ହେତୁ ଉପରିସ୍ଥ ଏରିଆଗୁଡ଼ିକ ଚାରିଆଡ଼େ ଖାଲଖମା ସୃଷ୍ଟି ହୋଇଗଲାଣି। ସେଥିଲାଗି ଯାତାୟାତ ବାଧାପ୍ରାପ୍ତ ହେଉଛି। ବର୍ଷା ଦିନେ ସ୍କୁଲ୍ ଓ କଲେଜ ଯିବାଆସିବା ବେଳେ ପିଲାମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଦୁଃଖର ବିଷୟ ଏହି ବ୍ରିଜ୍‌ଟି ଆଖୁଆପଦା ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ସମ୍ମୁଖରୁ ମାତ୍ର ୨୦୦ ମିଟର ବ୍ୟବଧାନରେ ଥିବା ପୋଲଟି ପ୍ରାୟ ୭ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଭଗ୍ନ ଅବସ୍ଥାରେ ରହିଛି। ସେଥିପ୍ରତି ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ଦାୟିତ୍ୱରେ ଥିବା ଅଧିକାରୀମାନେ ଦୃଷ୍ଟି ଦେବା ତ ଦୂରର କଥା ବରଂ ଏହା ଉପରେ ଆଉ ଏକ ବଡ଼ ପାଣି ପାଇପ୍ ଲାଇନ୍ ନିଆଯିବା ପାଇଁ କିପରି ଅନୁମତି ପ୍ରଦାନ କରିଛନ୍ତି। ସେହିପରି ବୟାବନାପୁର ପଞ୍ଚାୟତର ହଳଦିଗଡ଼ିଆ, ବୟାବନାପୁର, ମଠସାହି ଗ୍ରାମ ସମ୍ମୁଖରେ ଥିବା ବ୍ରିଜ୍‌ଗୁଡ଼ିକର ଉଭୟ ପାର୍ଶ୍ୱ ବାଡ଼ାଗୁଡ଼ିକ ନଷ୍ଟ ହୋଇଗଲାଣି। ଏହି ବ୍ରିଜ୍‌ଗୁଡ଼ିକ ବିପଦସଙ୍କୁଳ ଅବସ୍ଥାରେ ରହିଥିବା ହେତୁ ଏଥିପ୍ରତି ଜଳସମ୍ପଦ ବିଭାଗ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।



### ଚାଷ ଜମିରେ ତାଳ ମଞ୍ଜି ରୋପଣ ସ୍ୱପ୍ନ ପାଲଟିଛି

# ଲୋକେ ଲଗାଉଛନ୍ତି; ସରକାର ପାରୁନାହାନ୍ତି

ବାରିକପୁର,୪।୬(ସମିସ)

ବୈଶାଖ ମାସଠାରୁ ଭାଦ୍ରବ ମାସ ଯାଏଁ ଓଡ଼ିଶାରେ ବଜ୍ରପାତଜନିତ ଦୈବୀ ଦୁର୍ଘଟଣା ଲାଗି ରହିଥାଏ। ଆକାଶରେ କଳାବାଦଲ ମାଡ଼ି ଆସିଲେ ମନରେ ଭୟ ସୃଷ୍ଟି ହୋଇଥାଏ। ବିଜୁଳି, ଘଡ଼ଘଡ଼ି ଯୋଗୁଁ ପ୍ରତ୍ୟେକ ବର୍ଷ ଅକାଳ ମୃତ୍ୟୁ ବୃଦ୍ଧି ପାଉଥିବାବେଳେ ଅନେକ ଧନସମ୍ପତ୍ତି ମଧ୍ୟ ନଷ୍ଟ ହେଉଛି। ବିଶେଷ କରି ଆଷାଢ଼, ଶ୍ରାବଣ ମାସରେ ଖରିଫ୍ ଧାନ ଚାଷ ଆରମ୍ଭ ବେଳେ ବଜ୍ରପାତ ଘଟି ଅନେକ ଚାଷୀଙ୍କ ଜୀବନ ଯାଉଥିବା ଦେଖାଯାଇଛି। ତେଣୁ ସରକାର ପ୍ରତିକାରସ୍ୱରୂପ ଚାଷ ଜମି ହିଡ଼ରେ ତାଳ ମଞ୍ଜି ରୋପଣ ପାଇଁ ଘୋଷଣା କରିଛନ୍ତି। ପରିତାପର ବିଷୟ ଉକ୍ତ ଘୋଷଣାକୁ ଦୁଇ ବର୍ଷ ବିତିଯାଇଥିଲେ ମଧ୍ୟ ରାସ୍ତା ପାର୍ଶ୍ୱରେ ହେଉ କିମ୍ବା ଚାଷ ଜମି କେଉଁଠି ତାଳ ମଞ୍ଜି ଏଯାଏଁ ରୋପଣ ହୋଇ ନାହିଁ। କିନ୍ତୁ କେତେକ ଗାଁ ଗଣ୍ଡାରେ କିଛି ବ୍ୟକ୍ତି ତାଳ ଗଛ ରୋପଣ କରି ନିଜ ସୁରକ୍ଷା ନିଜ ହାତକୁ ନେଇ ସରକାରଙ୍କ ବାଟମାରଣା ଯୋଜନାକୁ ଇଙ୍ଗିତ କରୁଛନ୍ତି।

ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ ବିଗତ ବର୍ଷମାନଙ୍କରେ ବିଜୁଳି ମାରି ଅନେକ ବାସଗୃହ ପୋଡ଼ି ପାଉଁଶ ହୋଇଥିବାବେଳେ ଭୟଙ୍କର ବଜ୍ରପାତରେ ମଧ୍ୟ ଚାଷଜମିରେ କାର୍ଯ୍ୟ କରୁଥିବା କିଛି ଚାଷୀଙ୍କ ଅକାଳ ମୃତ୍ୟୁ ଘଟିଛି। ଏହି ସମୟ ମଧ୍ୟରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଏଭଳି ବଜ୍ରପାତ ଦୁର୍ଘଟଣା ଦେଖିବାକୁ ମିଳିଥାଏ। ତେଣୁ ଏଭଳି ଦୈବୀ ଦୁର୍ଘଟଣାରୁ ବର୍ତ୍ତିବା ପାଇଁ ରାଜ୍ୟ ସରକାର ଦୁଇ ବର୍ଷ ହେବ ଯୋଜନା ପ୍ରସ୍ତୁତି କରିଥିବାବେଳେ ତାହା ଏଯାଏଁ ଉକ୍ତ ବ୍ଲକ୍ ଅଞ୍ଚଳରେ କାର୍ଯ୍ୟକାରୀ ହୋଇନାହିଁ। ବିଶେଷ କରି ଚାଷ ଜମି ହିଡ଼ ସହିତ ବଗିଚା ଓ କେନାଲ ବନ୍ଧ ରାସ୍ତା ପାର୍ଶ୍ୱରେ ଏହି ତାଳ ମଞ୍ଜି ରୋପଣ ପାଇଁ କୃଷି ଓ ଜଙ୍ଗଲ ବିଭାଗକୁ ଦାୟିତ୍ୱ ଦିଆଯାଇଥିବା ଘୋଷଣା ହୋଇଥିଲା। ଯଦିଓ ଭଣ୍ଡାରିପୋଖରୀ ହାଟଡିହି ନିକଟସ୍ଥ ୩ ନମ୍ବର ହାଇଲେବୁଲ କେନାଲ ପାଶ୍ୱର୍ରେ କିଛି ତାଳ ମଞ୍ଜି ମାଟିରେ ପୋତାଯାଇଛି ତାହା ସୀମିତ ମାତ୍ର। ମିଛରେ ଏଭଳି କରି କିଛି ଅର୍ଥ ବାଟମାରଣା ହୋଇଥିବାବେଳେ ତାଳ ଗୋଟମା ଲଗାଇବା ସମୁଦ୍ରକୁ ଶଙ୍ଖେ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ଗତବର୍ଷ ଷ୍ଟେଟ୍ ବ୍ୟାଙ୍କ ଜରିଆରେ କୌଣସି ଘରୋଇ ସଂସ୍ଥା ମାତ୍ର ଶହେ ମିଟର ପରିମିତ ସ୍ଥାନରେ ମଞ୍ଜି ପୋତି ଫଟୋ ଉଠେଇ କାମ ସାରି ଦେଇଛି। ଏକବର୍ଷ ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା ତାହା ଗଛ ହୋଇ ନ ଥିବା ଜଣାପଡ଼ିଛି। ଗଛ ଲଗାଇବା କେବଳ କାଗଜକଲମରେ ସୀମିତ ରହିଥିବାବେଳେ ତାଳ ମଞ୍ଜି ରୋପଣ ଯୋଜନା ଏଯାଏଁ କିନ୍ତୁ କାର୍ଯ୍ୟକାରୀ ହୋଇନାହିଁ। ସରକାରଙ୍କ ଘୋଷଣା କେବଳ ପାଣିର ଗାର ସଦୃଶ ବୋଲି ଜନସାଧାରଣ କହିଛନ୍ତି। ଏପଟେ ଗାଁ ଗଣ୍ଡା ପଥରେ ବର୍ଷ ବର୍ଷ ଧରି ସ୍ଥାନୀୟ ଲୋକମାନେ ତାଳ ମଞ୍ଜି ରୋପଣ କରି ନିଜ ସୁରକ୍ଷା ନିଜ ହାତକୁ ନେଇଛନ୍ତି। ଏଭଳି ଚିତ୍ର ମାଳଦା, ଜଳହରି, ଜୋରାଗଡ଼ିଆ, ବାଲିପୋଖରୀ, କୁମ୍ଭାରିଆ, ଷୋଳମପୁର, ନେରଡା, ନାଥାମୀ, ଝୁଟଣା, ବନସ୍ତା, ରହଣିଆ, ରାଜେନ୍ଦ୍ରପୁରଠାରେ ଦେଖିବାକୁ ମିଳିଛି। ସବୁଠାରୁ ଦୁଃଖର ବିଷୟ ସରକାରୀ ବିଭାଗ ପାଖରେ ସରକାରଙ୍କ ପ୍ରଣିତ ଯୋଜନାର ରୂପରେଖ ସମ୍ବଳିତ କୌଣସି ନିର୍ଦ୍ଦେଶନାମା ପହଞ୍ଚି ନ ଥିବା ବିଭାଗୀୟ ଅଧିକାରୀମାନେ ବିଭିନ୍ନ ସମୟରେ ସୂଚନା ଦେଇଛନ୍ତି। ଦିନକୁ ଦିନ ବଜ୍ରପାତ ଜନିତ ଚାଷୀ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଏଭଳି ଜନହିତକାରୀ ଯୋଜନା କାର୍ଯ୍ୟକାରୀ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଯାହାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

### ଯୋଜନା ସମୁଦ୍ରକୁ ଶଙ୍ଖେ



**Office of the Principal, GVHSS**
**Salandi Higher Secondary School, Uttarabahini**
Po- Garadapur, Dist- Bhadrak, Pin- 756181
Email ID: salandi.principal@gmail.com, Mob: 9439444122

**WANTED GUEST FACULTY!**

A Walk in interview shall be held on 17.06.2026 (Wednesday) for a Guest Faculty in SPEFL at 10:00 AM in the office to engage for the session 2026-27. Eligible candidates may attend the interview with all original and Xerox copies of certificates. The undersigned reserves the right to cancel part or whole of the interview without assigning any reason thereof. No TA/DA is admissible for attending the interview.

**Qualification: M.P.Ed.** (Post Graduation in Physical Education from a recognised institution/University with at least 1 year work/teaching experience).

Sd/- Principal, GVHSS
Salandi Higher Secondary School,
Uttarabahini, Bhadrak.

